

# କଟକ ସିଟି







ଝିପିଝିପି ବର୍ଷା ସାଙ୍ଗକୁ କୋହଲା ପାଗ; ଜୀବନଯାତ୍ରା ବ୍ୟାହତ

ଫଟୋ - ବିକାଶ

# ଚକ୍ଷୁ ବିଭାଗରେ ରୋଗୀଙ୍କୁ ଅବହେଳା

କଟକ, ୨୦।୩(ସମିସ)

ଏସ୍‌ସିବି ଚକ୍ଷୁ ବିଭାଗରେ ରୋଗୀଙ୍କୁ ଚିକିତ୍ସାରେ ଅବହେଳା କରାଯାଉଛି। ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥା ବିଭାଗରେ ଉପଲବ୍ଧ କରାଯାଇଛି। ତଥାପି ରୋଗୀ ଏହି ଚିକିତ୍ସା ବ୍ୟବସ୍ଥାରେ ଉପକୃତ ହୋଇ ପାରୁନାହାନ୍ତି। ଏଣୁ ଗରିବ ରୋଗୀମାନେ ବାଧ୍ୟ ହୋଇ ଘରୋଇ ହସ୍ପିଟାଲକୁ ଯାଉଛନ୍ତି। ଭୁବନେଶ୍ୱରର ଯୁବକ ଦୀପକ କୁମାର ଜେନା ଏ ନେଇ ଅଭିଯୋଗ ଉଠାଇଛନ୍ତି। ଟୁଇଟ୍ ଜରିଆରେ ସେ ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଚକ୍ଷୁ ବିଭାଗରେ ଉପଯୁକ୍ତ ଚିକିତ୍ସା ମିଳୁନାହିଁ ବୋଲି ସେ ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ସଂକ୍ରାନ୍ତରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଘରୋଇ ହସ୍ପିଟାଲକୁ ଯାଉଛନ୍ତି ଗରିବ ରୋଗୀ

ଅତ୍ୟାଧୁନିକ ମେସିନ ଥିବା ସତ୍ତ୍ୱେ ମିଳୁନି ଉପଯୁକ୍ତ ଚିକିତ୍ସା

ପ୍ରକାଶଯୋଗ୍ୟ, ଏସସିବି ମେଡିକାଲରେ ଗତ ସାତ ଦଶନ୍ଧି ଧରି କାର୍ଯ୍ୟ କରୁଛି ଚକ୍ଷୁ ବିଭାଗ। ଗତ ୨୦୧୨ ମସିହାରେ ଏହି ବିଭାଗକୁ ଆଞ୍ଚଳିକ ଅନୁଷ୍ଠାନ ଭାବେ ପରିଗଣିତ କରାଯାଇଥିଲା। ରିଜିଓନାଲ ଇନଷ୍ଟିଚ୍ୟୁଟ ଅଫ ଅପଥାମୋଲୋଜି ଭାବେ ଏହା ପରିଚୟ ପାଇଥିଲା। ଉକ୍ତ ବିଭାଗ ଅଧିନରେ ଅନେକ ସବ୍-ସ୍ପେସିଆଲିଟି କ୍ଲିନିକ କାର୍ଯ୍ୟ କରୁଛି। ଅନେକ ଜଟିଳ ଚକ୍ଷୁ ରୋଗରେ ଆକ୍ରାନ୍ତ ଏଠାରେ ଚିକିତ୍ସା ସେବା ପାଇ ପାରୁଛନ୍ତି। ସବ୍-ସ୍ପେସିଆଲିଟି ଗୁଡିକ ହେଲା, ଭିଟ୍ରୋରେଟିନା, ଗ୍ଲୁକୋମା, କର୍ନିଆ, ଏଣ୍ଟେରିଅର ସେଗମେଣ୍ଟ, ପେଡ଼ିଆଟ୍ରିକ ଅପଥମାଲୋଜି, ସ୍କୁଇଣ୍ଟ, ଅକୁଲୋପ୍ଲାଷ୍ଟି ଏବଂ ଲୋ-ଭିଜନ ଏଡ। ସବ୍-ସ୍ପେସିଆଲିଟି କ୍ଲିନିକ ଗୁଡିକରେ ପ୍ରଶିକ୍ଷିତ ଏବଂ ଦକ୍ଷ ଡାକ୍ତର ମଧ୍ୟ ନିୟୋଜିତ ହୋଇଛନ୍ତି। ବିଭାଗ ଅଧିନରେ ସ୍ୱତନ୍ତ୍ର ଭାବେ ଏକ ଭେଟ୍ରୋରେଟିନାଲ ଅପରେସନ ଥିଏଟର(ଓ.ଟି) କାର୍ଯ୍ୟ କରୁଛି। ଯେଉଁଠାରେ ଚକ୍ଷୁ ରୋଗର ଅନେକ ଅତ୍ୟାଧୁନିକ ମେସିନ ରହିଛି। ଭେଟ୍ରୋରେଟିନାଲ ରୋଗର ଜଟିଳ ଏବଂ ଗୁରୁତର ଅସ୍ତ୍ରୋପଚାର କରାଯାଉଛି। ଏପରିକି ପରୀକ୍ଷାନିରୀକ୍ଷା ଏବଂ ଚିକିତ୍ସା ବ୍ୟବସ୍ଥାର ସମସ୍ତ ଅତ୍ୟାଧୁନିକ ମେସିନ ବିଭାଗକୁ ଅଣାଯାଇଛି। ସ୍ଲିଟଲ୍ୟାମ୍ପ ବାୟୋମାଇକ୍ରୋସ୍କୋପ, ଇନଡାଇରେକ୍ଟ ଅପଥାମାଲୋସ୍କୋପ, ଗୋଲ୍ଡମାନସ ଆପ୍ଲାଣ୍ଟେସନ ଟୋନୋମିଟର, ନନକଣ୍ଟାକ୍ଟ ଟୋନୋମିଟର, ଫଣ୍ଡସ କ୍ୟାମେରା, ବି-ସ୍କାନ, ୟୁବିଏମ, ଆଇଓଏଲ ମାଷ୍ଟର, ଅଟୋରିଫ୍ରାକ୍ଟୋମିଟର ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରାଂଶ ଉପଲବ୍ଧ ରହିଛି। ତେବେ ଯୁବକ ଦୀପକଙ୍କ ଅଭିଯୋଗ ଅନୁସାରେ ଚକ୍ଷୁ ବିଭାଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ମେସିନ ରହିବା ସତ୍ତ୍ୱେ ରୋଗୀଙ୍କ ସେବାରେ ଏହା ଲାଗୁନାହିଁ। ଏ ଦିଗରେ ଦୃଷ୍ଟି ଦେବାକୁ ସେ ନିବେଦନ କରିଛନ୍ତି।

**ଏସ୍‌ସିବିରେ ଡାକ୍ତର ସଂଖ୍ୟା ବୃଦ୍ଧି**

# ନିଯୁକ୍ତ ହେଲେ ୨୩ ଆସିଷ୍ଟାଣ୍ଟ ପ୍ରଫେସର

କଟକ, ୨୦।୩(ସମିସ)

ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଡାକ୍ତର ସଂଖ୍ୟା ବୃଦ୍ଧି ପାଇଛି। ନିର୍ବାଚନ ଆଚରଣବିଧି ଲାଗୁ ହେବା ପୂର୍ବରୁ ଏଠାରେ ୨୩ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଛି। ଆନେସ୍ଥେସିଓଲୋଜି ବିଭାଗରେ ଡାକ୍ତର ଶୁଭଶ୍ରୀ ମିଶ୍ର, ଡାକ୍ତର ସରିତା ପଟ୍ଟନାୟକ, ଡାକ୍ତର ଇଶାନ ଚନ୍ଦ୍ର ଦଳାଇ, ଆନାଟୋମୀ ବିଭାଗରେ ଡାକ୍ତର ସୋନାଲୀ ଶୁଭଦର୍ଶିନୀ, କମ୍ୟୁନିଟି ମେଡିସିନରେ ଡାକ୍ତର ସ୍ମରଣୀକା ଦାସ, ଏଫଏମ ଆଣ୍ଡ ଟିରେ ଡାକ୍ତର ଉମାକାନ୍ତ ଖେଜୁରିଆ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିରେ ଡାକ୍ତର ସମୀର କୁମାର ହୋତା, ଜେନେରାଲ ସର୍ଜରୀରେ ଡାକ୍ତର ଦେବବ୍ରତ ସାହୁ, ଡାକ୍ତର ଅଭିଜିତ ଦାସ, ଡାକ୍ତର ଶ୍ରୀମନ୍ତ ସୁନ୍ଦର ପାଢ଼ୀ, ଡାକ୍ତର ମୋନିକା ବେହେରା, ଡାକ୍ତର ସୁନୀଲ କୁମାର ଦାସ, ହେପାଟୋଲୋଜି ବିଭାଗରେ ଡାକ୍ତର ଅରୁପମ ମହାପାତ୍ର, ମାଇକ୍ରୋବାୟୋଲୋଜିରେ ଡାକ୍ତର ଅନିନ୍ଦିତା ରାଉତରାୟ, ଶିଶୁରୋଗ ବିଭାଗରେ ଡାକ୍ତର ଶାକମ୍ବରି ପୃଷ୍ଟି, ଡାକ୍ତର ସୋନାଲୀ ବିଶ୍ୱାଳ, ଡାକ୍ତର ସ୍ମୃତିରେଖା ପ୍ରଧାନ, ପାଥୋଲୋଜିରେ ଡାକ୍ତର ଲିଜା ଦାସ, ଡାକ୍ତର ଗୀତାଞ୍ଜଳି ନାୟକ, ଡାକ୍ତର ଇତିଶ୍ରୀ ରଣା, ପ୍ଲାଷ୍ଟିକ ସର୍ଜରୀରେ ଡାକ୍ତର ଜିବିତେଶ କୁମାର ବେହେରା, ମାନସିକ ରୋଗ ବିଭାଗରେ ଡାକ୍ତର ସରୋଜ ପୁରୋହିତ, ପଲମୋନାରୀ ମେଡିସିନରେ ଡାକ୍ତର ଅମିତ କିରଣ ରଥ ନିଯୁକ୍ତ ହୋଇଛନ୍ତି।

## ପୋଷ୍ଟର ଓ ପାମ୍ଫଲେଟ ମୁଦ୍ରଣ ଉପରେ କଟକଣା

**କଟକ, ୨୦।୩(ସମିସ):** ରାଜ୍ୟରେ ଆଦର୍ଶ ନିର୍ବାଚନ ଆଚରଣ ସଂହିତା ଲାଗୁ ହେବା ପରେ ନିର୍ବାଚନୀ ପୋଷ୍ଟର ଓ ପାମ୍ଫଲେଟ୍ ମୁଦ୍ରଣ ଉପରେ ଭାରତୀୟ ନିର୍ବାଚନ କମିଶନ୍ କେତେକ ନିୟମାବଳୀ ଜାରି କରିଛନ୍ତି। ନିର୍ବାଚନ ସମ୍ପର୍କିତ ସମସ୍ତ ପୋଷ୍ଟର କିମ୍ବା ପାମ୍ଫଲେଟର ସମ୍ମୁଖ ଭାଗରେ ମୁଦ୍ରଣକାରୀ ସଂସ୍ଥାର ନାମ ଓ ଠିକଣା ମୁଦ୍ରିତ ରହିବା ବାଧ୍ୟତାମୂଳକ କରାଯାଇଛି। କୌଣସି ବ୍ୟକ୍ତି ନିର୍ବାଚନ ପୋଷ୍ଟର ବା ପାମ୍ଫଲେଟ ମୁଦ୍ରଣ କରିବାକୁ ଚାହୁଁଥିଲେ ସେଥିରେ ମୁଦ୍ରଣକାରୀ ସଂସ୍ଥାର ପରିଚୟ ଥିବା ସତ୍ୟପାଠ, ତାଙ୍କର ଦସ୍ତଖତ ଏବଂ ସେହି ସତ୍ୟତାକୁ ସମର୍ଥନ କରୁଥିବା ଦୁଇ ଜଣ ବ୍ୟକ୍ତିଙ୍କ (ଯେଉଁମାନେ ତାଙ୍କୁ ବ୍ୟକ୍ତିଗତ ଭାବେ ଜାଣିଥିବେ) ପ୍ରତି ସ୍ୱାକ୍ଷର ରହିଥିବା ଆବଶ୍ୟକ। ଦସ୍ତାବିଜ୍‌ଟି ମୁଦ୍ରିତ ହେବା ପରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ସତ୍ୟପାଠର ନକଲ ସହିତ ଦସ୍ତାବିଜର ଏକକିତା ନକଲ ମୁଦ୍ରଣକାରୀ ସଂସ୍ଥା ନିକଟକୁ ପଠାଯିବା ସହ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଯିବା ଆବଶ୍ୟକ। ଏହି ନିୟମାବଳୀର ଖିଲାପକାରୀଙ୍କୁ ଆଇନ୍ ଅନୁଯାୟୀ ଦଣ୍ଡବିଧାନ କରାଯିବ। ଏଥିସହ ଆଦର୍ଶ ଆଚରଣ ସଂହିତା ଲାଗୁ ହେବା ପରେ ଛାପା ଗଣମାଧ୍ୟମରେ କୌଣସି ରାଜନୈତିକ ଦଳ ଓ ନେତାଙ୍କ ସପକ୍ଷ ବା ବିପକ୍ଷରେ ପ୍ରକାଶ ପାଉଥିବା କୌଣସି ବିଜ୍ଞାପନ କିମ୍ବା ନିର୍ବାଚନ ସମ୍ପର୍କିତ ଘଟଣାରେ ସମ୍ପୃକ୍ତ ସଂସ୍ଥାର ନାମ ଓ ଠିକଣା ରହିବା ବାଧ୍ୟତାମୂଳକ କରାଯାଇଛି।

## ମେଟ୍ରୋ ହେରିଟେଜ ଆପାର୍ଟମେଣ୍ଟ ପକ୍ଷରୁ ସମ୍ବର୍ଦ୍ଧନା



**କଟକ, ୨୦।୩(ସମିସ):** ମଙ୍ଗଳବାର ସନ୍ଧ୍ୟାରେ ଚାନ୍ଦିନୀଚୌକ ବନ୍ଧବାଶେଳୀ ସ୍ଥିତ ମେଟ୍ରୋ ହେରିଟେଜ ଆପାର୍ଟମେଣ୍ଟ ବାସୀଙ୍କ ପକ୍ଷରୁ ଏକ ସେବା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ୟାମବାବାଙ୍କ ଶୋଭାଯାତ୍ରା ଏବଂ କଟକ ନଦୀୟା ସଙ୍କୀର୍ତ୍ତନ ମଣ୍ଡଳୀର ଦୋଳ ମେଳଣ ଶୋଭାଯାତ୍ରା ଆସୁଥିବା ସମୟରେ ଆପାର୍ଟମେଣ୍ଟର ବାସିନ୍ଦାମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶୋଭାଯାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ମହିଳାମାନେ ଶୋଭାଯାତ୍ରାରେ ଆସୁଥିବା ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିବା ସହ ଶୋଭାଯାତ୍ରୀଙ୍କ ପାଇଁ ଖାଦ୍ୟ ଓ ପାନୀୟର ବ୍ୟବସ୍ଥା ମଧ୍ୟ କରିଥିଲେ। କଟକ ସହରର ନିଆରା ଭାଇଚାରା ପରମ୍ପରାକୁ ବଜାୟ ରଖିଥିବାରୁ ମେଟ୍ରୋ ହେରିଟେଜ୍ କମିଟି ସଦସ୍ୟଙ୍କ ତରଫରୁ ସମସ୍ତ ଶୋଭାଯାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁଶିଲ ଅଗ୍ରୱାଲ, ଶ୍ୟାମ ଅଗ୍ରୱାଲ, ଗିରୀଶ ଅଗ୍ରୱାଲ, ଗୋପାଳ ମୋଦୀ, ସନ୍ଦୀପ ମିତ୍ତଲ, ବିଜୟ ନାଙ୍ଗଲିଆ, ରୋହିତ୍ ଅଗ୍ରୱାଲ ଏବଂ ଆପାର୍ଟମେଣ୍ଟରେ ଥିବା ସମସ୍ତ ପରିବାରବର୍ଗ ମିଳିତ ଭାବେ ଏହାକୁ ପରିଚାଳନା କରିଥିଲେ।

# ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପଖାଳ ଦିବସ



କଟକ, ୨୦।୩(ସମିସ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପଖାଳ ଦିବସ ପାଳିତ ହୋଇଥିଲା। ଏହି ଉପଲକ୍ଷେ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରି ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ଓଡ଼ିଶାର ଜୀବନଧାରାରେ ପଖାଳର ମହତ୍ତ୍ୱ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ନିର୍ଦ୍ଦେଶକ ଲୋକନାଥ ବେହେରା, ସହକାରୀ ଡିନ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ସଚିବ ସୁଧାଂଶୁ ଭୂଷଣ କର, ସଚିବ ଚନ୍ଦ୍ରକାନ୍ତ ପଣ୍ଡା, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ଲୋକ ସମ୍ପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ ଯୋଗଦେଇଥିଲେ। ହୋଟେଲ ମ୍ୟାନେମେଣ୍ଟର ଭାରପ୍ରାପ୍ତ 'ଡିନ୍' ବିକାଶ କୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଉତ୍କଳ କେଶରୀ ଜେନା, ଆହୁଶ କୁମାର ଜେନା, ଖଗେଶ୍ୱର ସାହୁ, ପ୍ରଶାନ୍ତ ଶ୍ରୀବାସ୍ତବ, ସ୍ମୃତି ସେନାପତି, ସରଫରାଜ ଖାଦ୍ରୀ, ସଂଘମିତ୍ରା ଦାଶ, ଲକ୍ଷ୍ମୀକାନ୍ତ ସେଠୀ, ଝିଲି ସାହାଣୀ, ମହେନ୍ଦ୍ର ହାଁସଦା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ସମସ୍ତଙ୍କୁ ପଖାଳ ସହ ସୁସ୍ୱାଦୁ ବ୍ୟଞ୍ଜନ ପରସା ଯାଇଥିଲା।

## କଟକ କଲେଜରେ ବିଶ୍ୱ ସାମାଜିକ କାର୍ଯ୍ୟ ଦିବସ

କଟକ, ୨୦।୩(ସମିସ): ବିଦ୍ୟାଧରପୁର ସ୍ଥିତ କଟକ ମହାବିଦ୍ୟାଳୟ ରେଡ୍‌କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ତରଫରୁ ବିଶ୍ୱ ସାମାଜିକ କାର୍ଯ୍ୟ ଦିବସ କଲେଜ ଅଧ୍ୟକ୍ଷା ଡକ୍ଟର ପ୍ରଣତୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ସମାଜ ସେବା ନିମନ୍ତେ ଯୁବ ସମାଜ ମଧ୍ୟରେ ଅଙ୍ଗୀକାରବଦ୍ଧତା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ଅଧ୍ୟକ୍ଷା ଡକ୍ଟର ପଟ୍ଟନାୟକ ମତବ୍ୟକ୍ତ କରିଥିଲେ। ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ପାଣ୍ଡି, କେଉଁଝର ଜିଲ୍ଲା ରେଡ୍‌କ୍ରସ୍ ସଂଯୋଜକ ହିମାଂଶୁ ଶେଖର ମହନ୍ତ, ପୁରୀ ଶାସ୍ତ୍ରୀ ସ୍ମୃତି ମହାବିଦ୍ୟାଳୟ ରେଡ୍‌କ୍ରସ୍ ଅଫିସର ଅଧ୍ୟାପକ କମଳ କୁମାର ଦାଶ ପ୍ରମୁଖ ଯୋଗ ଦେଇ ସମାଜ ସେବାର ଆବଶ୍ୟକତା ଓ ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ କୁମାର ପ୍ରଦୀପ୍ତ ମିଶ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଟିମ୍ ଲିଡର ଚିନ୍ମୟୀ ତରାସିଆ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବାରବାଟୀ ଦୁର୍ଗ ପରିସରରେ ବିଶ୍ୱ ପଖାଳ ଦିବସ

କଟକ, ୨୦।୩(ସମିସ)

ଆଜି ବିଶ୍ୱ ପଖାଳ ଦିବସ ଉପଲକ୍ଷେ କଟକ ମେୟର ସୁବାସ ସିଂଙ୍କ ଉଦ୍ୟମରେ ବାରବାଟୀ ଦୁର୍ଗରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଥିଲା। ପଖାଳ ଓଡ଼ିଶାର ପରିଚୟ। ଓଡ଼ିଶାର ପଖାଳ ହିଁ ତାଙ୍କର ମୁଖ୍ୟ ଖାଦ୍ୟ। ଆଜି ଦିନରେ ବଡ଼ ବଡ଼ ହୋଟେଲରେ ପଖାଳ ଏକ ଅନ୍ତର୍ଜାତୀୟ ଖାଦ୍ୟ ଭାବରେ ଆଦୃତ ହୋଇପାରିଛି ବୋଲି ବିଶିଷ୍ଟ ବ୍ୟକ୍ତି ବିଶେଷ ମତପୋଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୈନିକ ସମାଜର ପ୍ରକାଶକ ଡ଼ ପ୍ରଭାସ ରଞ୍ଜନ ଆଚାର୍ଯ୍ୟ, ସମାଜର ସମ୍ପାଦକ ଡ. ପ୍ରମୋଦ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝୀ, ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ କୁମାର ସାହୁ, ବରିଷ୍ଠ ଆଇନଜୀବୀ ଶଶୀ ଭୂଷଣ ଦାସ, ବିଜ୍ଞାନ ମହାପାତ୍ର, ବିଶିଷ୍ଟ ସାହିତ୍ୟିକ ତରୁଣ ସାହୁ, ବିଜୁ ଜନତା ଦଳର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସିଂ, ବିଶ୍ୱଜିତ ମହାନ୍ତି, ମହମ୍ମଦ ସକିଲ, ଧର୍ମେଶ ନାୟକ, ପ୍ରଶାନ୍ତ ନାୟକ, ବିଜୟ ବେହେରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ପ୍ରଦୀପ୍ତ ଖୁଣ୍ଟିଆ, ମୋନାଲିସା ଦାସ, ଦୀପ୍ତିମୟୀ ମୂଳିଆ, ପ୍ରଳୟ ବେହୁରା, ବିକାଶ ରଞ୍ଜନ ବେହେରା, କଟକ ମହାନଗର ନିଗମର ସମସ୍ତ କର୍ପୋରେଟରଙ୍କ ସମେତ ଜନ ମହାନ୍ତି, ଚନ୍ଦନ ଦାସ, ମାରୱାଡି ସମ୍ପ୍ରଦାୟର ଶରତ ସାଙ୍ଗନାରିଆ, ରମଣ ବଓଗେଡ଼ିଆ, ସଞ୍ଜୟ ଅଗ୍ରୱାଲ, ସନ୍ତୋଷ ବାନପୁରିଆ, ବିହାରୀ ସମ୍ପ୍ରଦାୟର ନନ୍ଦଲାଲ ସିଂ, ପାରସ ସାହା, ମୁସଲିମ ସମ୍ପ୍ରଦାୟର ରଞ୍ଜନ ଖାନ, ଏକ୍ରାମ ଖାନ, ଡ. ଆୟୁବ ଖାନ, କାମରୁଦ୍ଦିନ ଖାନ, ତେଲଗୁ ସମ୍ପ୍ରଦାୟ ୱାଇ ଲେଖାମାନ ରାଓ, ୱାଇ ଇନ୍ଦୁପ୍ରସାଦ, ଓ ଶ୍ରୀନିବାସ, କେ ରମେଶ, କେ ଦୁର୍ଗାପ୍ରସାଦ, କେ ନିଖିଳ କୁମାର, ଦୀପ୍ତି ରଞ୍ଜନ ରାୟ, ରାଜୀବ ମହାନ୍ତି, ଜଗନ୍ନାଥ ସ୍ୱାଇଁ, କାଳିଚରଣ ପାଣିଗ୍ରାହୀ, ଦେବେନ୍ଦ୍ର ପାଣିଗ୍ରାହୀ, ସକିଲ ଅଖତର, ସୟଦ ଶେଖାୱତ୍ ଅଲ୍ଲି, ରିୟାଜ ଖାନ, ଲୋକନାଥ ସାହୁ, ଅବିନାଶ ମଲ୍ଲ, ମିହିର କୁମାର ସାହୁ ଓ ଜନ୍ ଆଶିଷ ବରାଳ ପ୍ରମୁଖ ଯୋଗଦେଇଥିଲେ।



ବୁଦ୍ଧିଜୀବୀ, ରାଜନେତା ଓ ଶାନ୍ତିକମିଟି କର୍ମକର୍ତ୍ତା ସାମିଲ

# କଟକ ସିଟି



## ହଜିଥିବା ଲାପଟପ୍ ଫେରିପାଇଲେ ଯାତ୍ରୀ




କଟକ,୨୦।୩(ସମିସ): ଫାଲକନାମା ଏକ୍ସପ୍ରେସରେ କଟକ ଆରପିଏଫ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୋଚ ନଂ ଏମ-୨ରେ ଥିବା ଏକ ସିଟରେ ଏକ ବ୍ୟାଗ୍ ଠାବ ହୋଇଥିଲା। ଏଥିରେ ଲାପଟପ୍, ଚାର୍ଜର ଇତ୍ୟାଦି ଥିବା ଦେଖିବାକୁ ମିଳିଥିଲା। ତେବେ ଉକ୍ତ ସିଟ୍ ଗୁଣ୍ଟୁରରୁ ବିଶାଖାପାଟଣା ଯାଏ ବୁକ୍ ହୋଇଥିବା ଜଣାପଡ଼ିଥିଲା। କଟ୍ଟୁପାଲି ରାଣୀ ନାମକ ଜଣେ ମହିଳାଙ୍କ ନାଁରେ ଟିକଟ ବୁକ୍ ହୋଇଥିଲା। ତାଙ୍କୁ ଯୋଗାଯୋଗ କରିବା ସମୟରେ ସେ ହାଇଦ୍ରାବାଦର ଏକ ସଫ୍ଟଓୟାର କମ୍ପାନିରେ କାମ କରୁଥିବା ଜଣାପଡ଼ିଥିଲା। ସେ ୧୮ ତାରିଖ ଭୋର ୩ଟା ୩୦ରେ ବିଶାଖାପାଟଣାରେ ଓହ୍ଲାଇବା ପରେ ଏହି ବ୍ୟାଗଟି ଛାଡ଼ିଯାଇଥିଲେ। ଆରପିଏଫ୍ ପକ୍ଷରୁ ତାଙ୍କୁ ଏହି ବ୍ୟାଗଟି ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।

## ଆସାମରୁ ନିଖୋଜ ହୋଇଥିବା ଶିଶୁ କଟକରୁ ଉଦ୍ଧାର

**କଟକ,୨୦।୩(ସମିସ):** ଆସାମରୁ ନିଖୋଜ ହୋଇଥିବା ଜଣେ ଶିଶୁ କଟକରୁ ଉଦ୍ଧାର ହୋଇଛି। ଚଳନ୍ତା ଟ୍ରେନରେ ଯାତ୍ରା କରୁଥିବା ସମୟରେ ଶିଶୁଟିକୁ ଉଦ୍ଧାର କରାଯାଇଛି। ଆରପିଏଫର ସୂଚନା ଅନୁଯାୟୀ, ୧୯ ତାରିଖ ରାତିରେ କଟକ ଆରପିଏଫ୍ ଥାନା ଟ୍ରେନରେ ଯାଞ୍ଚ କରୁଥିଲା। ଏହି ଯାଞ୍ଚ ସମୟରେ ସାଧାରଣ ବଗିରେ ଜଣେ ୧୦ ବର୍ଷୀୟ ନାବାଳକ ଠାବ ହୋଇଥିଲା। ତାକୁ ଟ୍ରେନରୁ ଓହ୍ଲାଇ ମହିଳା ଓ ଶିଶୁ ଡେସ୍କକୁ ଅଣାଯାଇଥିଲା। ସେଠାରେ ପଚରାଉଚରା କରିବା ସମୟରେ ସେ ଆସାମ କାମରୁପ ଜିଲ୍ଲା ରଙ୍ଗିଆ ଥାନା ଅଞ୍ଚଳର ବୋଲି ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ରଙ୍ଗିଆ ଥାନା ଆଇଆଇସିଙ୍କୁ ଅବଗତ କରାଯାଇଥିଲା। ଏହି ନାବାଳକ ଜଣକ ଗତ ୧୭ ତାରିଖରୁ ନିଖୋଜ ଥିବା ଜଣାପଡ଼ିଥିଲା। ଏ ସଂକ୍ରାନ୍ତରେ ପରିବାର ଲୋକେ ରଙ୍ଗିଆ ଥାନାରେ ଅଭିଯୋଗ କରିଥିଲେ। ନାବାଳକ ଜଣକ ଉଦ୍ଧାର ପରେ ତାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି।




### ସିନ୍ଦୂର ପିନ୍ଧାଇବାକୁ ଜିଦ୍ ଧରିଥିଲା ଅଭିଯୁକ୍ତ

# ପ୍ରେମ ପ୍ରତ୍ୟାଖ୍ୟାନ କରିବାରୁ ପଥରରେ ଛେଚି ହତ୍ୟା

କଟକ,୨୦।୩(ସମିସ)

ବାରଙ୍ଗ ଥାନା ଅନ୍ତର୍ଗତ ବାରାସିଂହ ଗାଁରେ ଜଣେ ବିଧବା ମହିଳାଙ୍କୁ ବିଭତ୍ସ ହତ୍ୟା ଘଟଣାର ଅଭିଯୁକ୍ତକୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲା, ସେହି ଗାଁର ମନୋଜ ମହାରଣା(୪୨)। ହତ୍ୟାକାଣ୍ଡ ଘଟାଇ ଅଭିଯୁକ୍ତ ମନୋଜ ୯ ଦିନ ହେବ ଫେରାର ଥିଲା। ତାକୁ ଗିରଫ କରାଯାଇଥିବା ବେଳେ ହତ୍ୟାରେ ବ୍ୟବହୃତ କାଠଫାଳିଆ, ପଥର ଆଦି ପୁଲିସ ଜବତ କରିଛି। ତେବେ ଅଭିଯୁକ୍ତ ମନୋଜ ମୃତା ବିଧବା ମହିଳାଙ୍କୁ ଏକତରଫା ପ୍ରେମ କରୁଥିଲା। ବିବାହ ନିମନ୍ତେ ନିବେଦନ ମଧ୍ୟ କରିଥିଲା। ହେଲେ ପ୍ରେମ ପ୍ରତ୍ୟାଖାନ ହେବାରୁ ସେ ଏଭଳି ନୃଶଂଶ କାଣ୍ଡ ଘଟାଇଥିବା ପୁଲିସ କହିଛି।

ଘଟଣାରୁ ପ୍ରକାଶ ଯେ, ବାରାସିଂହ ଗାଁର ଉର୍ମିଳା ବିଶ୍ୱାଳ(୫୦)ଙ୍କ ସ୍ୱାମୀଙ୍କର ବହୁ ପୂର୍ବରୁ ମୃତ୍ୟୁ ଘଟିସାରିଛି। ପୁଅ ପାର୍ଥସାରଥୀ ଏକ ଘରୋଇ ସଂସ୍ଥାରେ ଚାକିରୀ କରେ। ସେ ଦିନକୁ ୮ ଘଣ୍ଟିଆ ସିଫ୍ଟରେ ଡ୍ୟୁଟି କରୁଥିବା ବେଳେ ଘରେ ସବୁବେଳେ ଶ୍ୱଶୁର ରୁହନ୍ତି। କିନ୍ତୁ ବୟସାଧିକ କାରଣରୁ ଶ୍ୱଶୁରଙ୍କ ଦୃଷ୍ଟିଶକ୍ତି ଓ ଚଲାବୁଲାରେ ସମସ୍ୟା ରହିଛି। ଗତ କିଛି ଦିନ ହେବ ତାଙ୍କ ପଡୋଶୀଙ୍କ ଘର କାମ ଚାଲିଥିଲା। ଅଭିଯୁକ୍ତ ମନୋଜ ସେଠାରେ ଶ୍ରମିକ ଭାବେ କାମ କରୁଥିଲା। ଗୋଟିଏ ଗାଁର ହୋଇଥିବାରୁ ମନୋଜ ମଝିରେ ମଝିରେ ଉର୍ମିଳାଙ୍କ ଘରକୁ ଆସି ଭଲମନ୍ଦ ପଚାରି ବୁଝେ। କିଛି ଦିନର କଥାବାର୍ତ୍ତା ପରେ ବିବାହିତ ମନୋଜ ମନରେ ଉର୍ମିଳାଙ୍କ ପ୍ରତି ପ୍ରେମଭାବ ଜାଗ୍ରତ ହୋଇଥିଲା। ଏଣୁ ସେ ଉର୍ମିଳାଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ଚାହିଁଲା। ପ୍ରତ୍ୟେକ ଦିନ ବିଭିନ୍ନ ବାହାନାରେ ସେ ଉର୍ମିଳା ପାଖକୁ ଆସୁଥିଲା। ଗତ ୧୧ତାରିଖର ଘଟଣା। ପୁଅ ପାର୍ଥସାରଥୀର ରାତି ଡ୍ୟୁଟି ଥିବା ମନୋଜ ଜାଣିବାକୁ ପାଇଥିଲା। ସେଦିନ ରାତି ପ୍ରାୟ ୧୧ଟାରେ ମନୋଜ ଏକ କାଗଜ ପୁଡିଆରେ ସିନ୍ଦୂର ନେଇ ଉର୍ମିଳାଙ୍କ ଘରେ ପହଞ୍ଚିଥିଲା। ଏତେ ରାତିରେ ମନୋଜକୁ ଦେଖି ସେ ଚକିତ ହୋଇପଡିଥିଲେ। ଉର୍ମିଳା କିଛି କହିବା ଆଗରୁ ମନୋଜ ତାଙ୍କୁ ସିନ୍ଦୁର ବଢାଇ ପ୍ରେମ ନିବେଦନ କରି ବିବାହ ପାଇଁ ପ୍ରସ୍ତାବ ଦେଇଥିଲା। ହେଲେ ଉର୍ମିଳା ସିଧାସଳଖ ଏହାକୁ ପ୍ରତ୍ୟାଖାନ କରିଥିଲେ। ଏହାକୁ ନେଇ ଉଭୟଙ୍କ ଭିତରେ ବଚସା ହୋଇଥିଲା। ଏହି ବିଷୟରେ ଅନ୍ୟ ଲୋକଙ୍କୁ ଜଣାଇଦେବେ ବୋଲି ଉର୍ମିଳା ଚେତାବନୀ ଦେଇଥିଲେ। ଏହାଶୁଣି ଭୟଭୀତ ମନୋଜ ଦୁଆର ମୁହଁରେ ପଡିଥିବା ଏକ କାଠ ଫାଳିଆରେ ଉର୍ମିଳାଙ୍କ ମୁଣ୍ଡକୁ ପିଟିଦେଇଥିଲା। ଉର୍ମିଳା ଜୀବନ ବିକଳରେ ବାରିପଟକୁ ଦୌଡି ଯାଇ ତଳେ ପଡି ଯାଇଥିଲେ। ମାତ୍ର ମନୋଜ ଏକ ପଥର ଆଣି ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଛଟପଟ ହେଉଥିବା ଉର୍ମିଳାଙ୍କ ଶରୀର ସ୍ଥିର ହେବା ଯାଏ ମନୋଜ ଚାହିଁରହିଥିଲା। ପରଦିନ ସକାଳେ ପୁଅ ପାର୍ଥସାରଥୀ ଘରକୁ ଆସିବା ପରେ ଘଟଣା ପ୍ରଘଟ ହୋଇଥିଲା। ମୃତକଙ୍କ ଶରୀରରେ ସୁନା ଅଳଙ୍କାର ଥିବାରୁ ହତ୍ୟା ପଛରେ ଚୋରି ଉଦ୍ଦେଶ୍ୟ ନଥିବା ପୁଲିସ ସ୍ପଷ୍ଟ ହୋଇଥିଲା। ସାହିପଡୋଶୀ ଏବଂ ନିର୍ମାଣଧୀନ ଘର ମାଲିକଙ୍କ ଠାରୁ ମନୋଜ ବିଷୟରେ ଜଣାପଡିଥିଲା। ମଙ୍ଗଳବାର ଜିଲ୍ଲା ବାହାରୁ ତାକୁ ଧରିଆଣି ଜେରା କରିବାରୁ ସେ ହତ୍ୟା ବିଷୟ ସ୍ୱୀକାର କରିଛି। ବୁଧବାର କ୍ରାଇମ ସିନ ରିକ୍ରିଏସନ ବେଳେ ମନୋଜ ସବୁ ଦେଖାଇଛି। ଏହାସହ ସେ ମୃତାଙ୍କ ଘରେ ଲୁଚାଇ ରଖିଥିବା କାଠଖଣ୍ଡକୁ ପୁଲିସ ଜବତ କରିଛି।

### ଅଭିଯୁକ୍ତ ଗିରଫ
### ବ୍ୟବହୃତ କାଠ ଫାଳିଆ ଓ ପଥର ଜବତ



## ପଖାଳକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି

କଟକ,୨୦।୩(ସମିସ): ସାମାଜିକ ସଂଗଠନ ଉତ୍କଳ ସେବକ ସମାଜ ପକ୍ଷରୁ ଏକ ନିଆରା ଢଙ୍ଗରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଂପାଦକ ଅମୀୟ ଭୂଷଣ ବିଶ୍ୱାଳଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମାଜର ବହୁ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ଯୋଗଦେଇ ସାଂପ୍ରତିକ ସମୟରେ ଘଟୁଥିବା ବାଲ୍ୟ ବିବାହ, ଅନ୍ୟାନ୍ୟ ଶିଶୁ ସମ୍ବନ୍ଧୀୟ ସମସ୍ୟା ଓ ନିରାକରଣ ସମ୍ବନ୍ଧରେ ଆଲୋଚନା କରାଯିବା ସହିତ ପାରମ୍ପରିକ ଢଙ୍ଗରେ ମାଟି ପାତ୍ରରେ ପଖାଳ ଓ ଅନ୍ୟାନ୍ୟ ପାରମ୍ପରିକ ଖାଦ୍ୟ ଗ୍ରହଣ କରିଥିଲେ। ଏହି ଅବସରରେ ୪୭ ନଂ ୱାର୍ଡର କର୍ପୋରେଟର ଇଂ ସୁବ୍ରତ ଘଡେଇ, ଜ୍ୟୋର୍ତିବିଦ ଇଂ ହରିହର ସେଠୀ, ଶିଶୁ ମଙ୍ଗଳ ସମିତିର ପୂର୍ବତନ ଅଧକ୍ଷା ମନ୍ଦାକିନୀ ଜେମା, ଆଇନଜୀବୀ ଚିତ୍ତରଞ୍ଜନ ମହାନ୍ତି, ନିମାଇଁ ଚରଣ ମଲ୍ଲିକ, ଡ. ରୀତା ସାହୁ, ସାମ୍ବାଦିକ ସଚ୍ଚିକାନ୍ତ ନାଥ, ରବିନାରାୟଣ ଦାସ, ବିଭୂତି ଭୂଷଣ ସାହୁ, ପ୍ରଭାତ ବିଶୋଇ, ଆଲୋକ ଦାସ, କଳା ଓ ସାଂସ୍କୃତିକ କ୍ଷେତ୍ରରେ ପ୍ରତିଷ୍ଠିତ ବହୁ କଳାକାରମାନେ ଯୋଗଦେଇ ଜଗନ୍ନାଥ ସଂସ୍କୃତ ସହିତ ପଖାଳର ସଂପର୍କ ଓ ଓଡିଆ ଜନଜୀବନ ସହିତ ପଖାଳର ଐତିହାସିକ ସଂପର୍କରେ ଆଲୋଚନା ହେବା ସହିତ ପଖାଳକୁ ଜିଆଇ ଟ୍ୟାଗ୍ ମିଳିବା ପାଇଁ ଉଦ୍ୟମ ହେବା ଦରକାର ବୋଲି ସର୍ବ ସମ୍ମତିରେ ମତ ପ୍ରକାଶ ପାଇଥିଲା।

● କଟକ ବାର୍ ନିର୍ବାଚନ

## ୨ ସଭାପତି ଓ ୩ ଜଣ ସମ୍ପାଦକ ପ୍ରାର୍ଥୀ

**କଟକ,୨୦।୩(ସମିସ):** କଟକ ବାର ଆସୋସିଏସନ ନିର୍ବାଚନରେ ଅବତୀର୍ଣ୍ଣ ପ୍ରାର୍ଥୀମାନଙ୍କ ଚୂଡାନ୍ତ ତାଲିକା ପ୍ରକାଶ ପାଇଛି। ସଭାପତି ପଦ ପାଇଁ ନାରାୟଣ ପ୍ରସାଦ ପରିଜା ଓ କୃପାସିନ୍ଧୁ ସାହୁଙ୍କ ମଧ୍ୟରେ ଦ୍ୱିମୁଖୀ ଲଢେଇ ହେଉଥିବା ବେଳେ ସମ୍ପାଦକ ପଦରେ ସନ୍ତୋଷ କୁମାର ମହାନ୍ତି, ଅଶୋକ କୁମାର ଜେନା ଓ ସମୀର କୁମାର ଦାସ ପ୍ରାର୍ଥୀ ହୋଇଛନ୍ତି। ସମ୍ପାଦକ ପଦ ପାଇଁ ନୀତା ଶତପଥୀ ଓ ବିଶ୍ୱଜିତ ମହାନ୍ତି, ସହସମ୍ପାଦକ ପଦ ପାଇଁ ପ୍ରତ୍ୟୁଷ ରଞ୍ଜନ ନାୟକ ଓ ଦୀପକ କୁମାର ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବ। ତେବେ ଉପସଭାପତି ପଦରେ ପ୍ରଭାତ କୁମାର ରାଉତ, କୋଷାଧକ୍ଷ ପଦରେ ଗୁରୁପ୍ରସାଦ ଦାସ ଓ ପାଠାଗାର ସଦସ୍ୟ ପଦରେ ମମତା ସ୍ୱାଇଁ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକାରିଣୀ ସଦସ୍ୟ ପଦ ପାଇଁ ବୁଦ୍ଧିମନ୍ତ ସ୍ୱାଇଁ, ଦିବ୍ୟଜୀବନ ମିଶ୍ର, ଦୁର୍ଗାମାଧବ ଉଦଗାତା, ଲିଜା ଭଞ୍ଜଦେଓ, ଶୈବାଳିନୀ ମୂଳିକ ନିଦ୍ୱର୍ନ୍ଦରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ୩୦ତାରିଖରେ ଭୋଟଗ୍ରହଣ ଅନୁଷ୍ଠିତ ହେବ। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ନିତ୍ୟାନନ୍ଦ ବେହୁରିଆ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ସହ ନିର୍ବାଚନ ଅଧିକାରୀ ଭାବେ ଜ୍ୟୋତିନ୍ଦ୍ରୀୟ ମହାନ୍ତି, ଅମରେନ୍ଦ୍ର ଦାସ ଓ ରବିନ୍ଦ୍ର କୁମାର ପୃଷ୍ଟି ରହିଛନ୍ତି।

## ଦଶମୀ ନଦୀୟା ଦୋଳ ମେଳଣ ସମ୍ପନ୍ନ

କଟକ,୨୦।୩(ସମିସ)



ପବିତ୍ର ଫଗୁଦଶମୀ ତିଥିରେ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର "୨୧ତମ ଦଶମୀ ନଦୀୟା ଦୋଳ ମେଳଣ ମହାସମାରୋହର ସମ୍ପନ୍ନ ହୋଇଛି। ଅଲିଶାବଜାର କୈବର୍ତ୍ତ୍ୟସାହିସ୍ଥିତ ଶ୍ରୀଶ୍ରୀ ଅନନ୍ତଗୋପାଳଜୀଉ ନଦୀୟା ସଂକୀର୍ତ୍ତନମଣ୍ଡଳୀ ନିମନ୍ତ୍ରଣ କ୍ରମେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏହି ମେଳଣ ଅନୁଷ୍ଠିତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଶେଖବଜାରସ୍ଥିତ ଲାଲାମଠ ଠାରୁ ଏକ ବିଶାଳ ଆକର୍ଷଣୀୟ ଦୋଳ ଶୋଭାଯାତ୍ରା ବିଭିନ୍ନ ଅଞ୍ଚଳ ପରିକ୍ରମା କରି ମେଳଣ ସ୍ଥଳରେ ପହଞ୍ଚି ଥିଲେ। ରାସ୍ତାର ଉଭୟ ପାଶ୍ୱର୍ରେ ଭକ୍ତ-ଜନସାଧାରଣ ଏହି ଶୋଭାଯାତ୍ରାକୁ ଦର୍ଶନ କରିବା ସହ ବିମାନ ମଧ୍ୟରେ ଥିବା ଠାକୁରଙ୍କୁ ବନ୍ଦାପନା କରିଥିଲେ। ଲଗାଣ ବର୍ଷା ସତ୍ତ୍ୱେ ସାରାରାତି ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ଅଧକ୍ଷତା କରିଥିଲେ। ଏଥିରେ ମହାମଣ୍ଡଳର ମୁଖ୍ୟ ପୃଷ୍ଠପୋଷକ ତଥା ପୂର୍ବତନ ମନ୍ତ୍ରୀ ସମୀର ଦେ, କଟକ ମହାନଗର ନିଗମ ମେୟର ସୁବାସ ସିଂହ, ବାରବାଟୀ-କଟକ ବିଧାୟକ ଇଂ ମହମ୍ମଦ ମୋକିମ, କଟକ ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ରନାଥ ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, ବର୍ଷିଆନ ମୁରବୀ ବଟକୃଷ୍ଣ ବେହେରା, ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, କଟକ ନଗର ବିଜେପି ସଭାପତି ଲଲାଟେନ୍ଦୁ ବଡୁ, ଡାକ୍ତର ରବିରଞ୍ଜନ ସାହୁ, କର୍ପୋରେଟର ଲକ୍ଷ୍ମୀଧର ବେହେରା, ଆରତୀ ସାହୁ, ଦୀପାଞ୍ଜଳି ସିଂହ ଓ ମୋନାଲିସା ଦାସ, ସମାଜସେବୀ ସ୍ମୃତି ପଟ୍ଟନାୟକ, ରୀତା ମହାପାତ୍ର, ହେମନ୍ତ ବେହେରା, ପୂର୍ବତନ କର୍ପୋରେଟର ବିଜୟ ଦଳେଇ ଏବଂ ମହାମଣ୍ଡଳର ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁ, ଅଲିଶାବଜାର ପୂଜା କମିଟି ସଭାପତି ଅଜିତ ଦାସ ଓ ସମ୍ପାଦକ ଲକ୍ଷ୍ମୀଚରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ୨୨ତମ ଦଶମୀ ନଦୀୟା ଦୋଳ ମେଳଣ-୨୦୨୫ ଭାଗବତ ନଦୀୟା ସଂକୀର୍ତ୍ତନମଣ୍ଡଳୀ ନିମନ୍ତ୍ରଣକ୍ରମେ ଯୋବ୍ରା ଦାସ ସାହିଠାରେ ଅନୁଷ୍ଠିତ ହେବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା। ମେଳଣକୁ ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ମଦନମୋହନ ବେହେରା, କଟୁଆଳ ପୂର୍ଣ୍ଣଚନ୍ଦ୍ର ସାହୁ, ଉପକଟୁଆଳ ଦେବରାଜ ବେହେରା ଓ ମୁଖ୍ୟ ପରିଚାଳକ ରାକେଶ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ପ୍ରାୟ ୨୫ ଗୋଟି ସଂକୀର୍ତ୍ତନ ସହ ଦୋଳ ବିମାନ ଏହି ମେଳଣରେ ଯୋଗ ଦେଇଥିଲେ।

### ବୁଲିଲାଣି ବିମାନ, ଶୁଭିଲାଣି ଦୋଳଗୀତ

# କାହ୍ନୁ ସତେ କି ଯେ ଯିବେ... ଗୋପ ଭୁବନ

କଟକ,୨୦।୩(ସମିସ)

କାହ୍ନୁ ସତେ କି ଯେ ଯିବେ..ଗୋପ ଭୁବନ..ନନ୍ଦନନ୍ଦନ। ଗଳିଗଳିରେ ଶୁଭିଲାଣି ଦୋଳଗୀତ। ବିମାନରେ ବସି ପହଣ୍ଡି କଲେଣି ରାଧାକୃଷ୍ଣ। ମଙ୍ଗଳବାର ପବିତ୍ର ଫଗୁ ଦଶମୀ ତିଥିରୁ କଟକରେ ଆରମ୍ଭ ହୋଇଛି ଦୋଳ ମେଳଣ। ୧୯ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ, ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ଏବଂ ୨୫ ଦିଗ ଭାଗ ସଂକୀର୍ତ୍ତନ ମଣ୍ଡଳୀର ସମସ୍ତ ଠାକୁର ମେଳଣ କରିଛନ୍ତି। ବୁଧବାର ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ଏକାଦଶୀ ପୂର୍ଣ୍ଣ ମେଳଣ ଖାନ୍‌ନଗରସ୍ଥିତ ଚନ୍ଦନ ପଡ଼ିଆଠାରେ ବାଙ୍ଗୁରୀ ଗୋପୀନାଥଜୀଉ ଓ ଶ୍ରୀଶ୍ରୀ ଗୋପାଳଜୀଉ ମନ୍ଦିର ନଦୀୟା ସଂକୀର୍ତ୍ତନ ମଣ୍ଡଳୀ ନିମନ୍ତ୍ରଣ କ୍ରମେ ଅନୁଷ୍ଠିତ ହୋଇଯାଇଛି। ଦୋଳବିମାନ ଶୋଭାଯାତ୍ରା ସ୍ଥାନୀୟ ବିଘ୍ନେଶ୍ୱର କ୍ଲବରୁ ବାହାରି ମେଳଣ ପଡ଼ିଆରେ



ପହଞ୍ଚି ଥିଲା। ରାସ୍ତାର ଉଭୟ ପାଶ୍ୱର୍ରେ ଶହ ଶହ ଭକ୍ତ-ଜନସାଧାରଣ ଏହି ଶୋଭାଯାତ୍ରାକୁ ଦର୍ଶନ କରିବା ସହ ସ୍ଥାନେସ୍ଥାନେ ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଗୋପୀନାଥଜୀଉ ମନ୍ଦିର ଅଧିକାରୀ ରାଧାମୋହନ ସାହୁ, ମହନ୍ତ ଶଙ୍କର ରାଉତ, କଟୁଆଳ ଜଗନ୍ନାଥ ବେହେରା, ଗୋପାଳଜୀଉ ମନ୍ଦିର ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ମହନ୍ତ ବୈଦ୍ୟନାଥ ସାହୁ, କଟୁଆଳ ଧୀରେନ୍ଦ୍ର ସାହୁ ଓ ଖାନ୍‌ନଗର ଦୁର୍ଗାପୂଜା କମିଟି ଓ ଯୁବକ ସଂଘ କର୍ମକର୍ତ୍ତା ଉପସ୍ଥିତ ରହି ମେଳଣ ସମ୍ପାଦନ କରିଥିଲେ। ଖାନନଗର ସମେତ ତିନିଘରିଆ, ଶଙ୍କପୁର, ଚାଉଳିଆଗଞ୍ଜ, ବଳଭଦ୍ରପୁର, କମଳପୁର, ରାଣୀହାଟ, ଶିଖରପୁର, ସର୍ତ୍ତୋ, ଭଦିମୂଳ, ପାଟରାସାହି, ବଙ୍ଗାଳୀ ସାହି, କାଠଗଡା ସାହି, ହରିପୁର, ପିଠାପୁର ଆଦି ଅଞ୍ଚଳର ବିମାନ ମେଳଣରେ ସାମିଲ ହୋଇଥିଲା।




ଚାନ୍ଦିନୀଚୌକ ଅଞ୍ଚଳରେ ଘରକୁ ଘର ବୁଲି ଭୋଗ ଖାଉଛନ୍ତି ରାଧାମାଧବ

### ଚିନ୍ତା ବଢ଼ାଇଲା କାଳବୈଶାଖୀ ବର୍ଷା

# ବ୍ୟାପକ ମୁଗ ଓ ପନିପରିବା ଫସଲ ନଷ୍ଟ

**ନିଶ୍ଚିନ୍ତକୋଇଲି,୨୦।୩(ସମିସ)**

କାଳବୈଶାଖୀ ପ୍ରଭାବରେ ଗତ ସୋମବାର ଠାରୁ ତିନି ଦିନ ବ୍ୟାପୀ ଜୋରରେ ପବନ ସହିତ ଘଡ଼ଘଡ଼ି ଓ ବର୍ଷା ଲାଗିରହିଛି। ବର୍ଷା ଓ ପାଗ କୋହଲା ଯୋଗୁଁ ଧରାପୃଷ୍ଠରେ ଖରା ଟିକିଏ ମଧ୍ୟ ପଡ଼ୁନାହିଁ। ଯାହାଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସ୍ୱାଭାବିକ ଭାବେ ଲୋକମାନଙ୍କର ଜୀବନଯାତ୍ରା ପ୍ରଭାବିତ ହୋଇଛି। ଝିପିଝିପି ବର୍ଷା ଯୋଗୁଁ ଚାଳ, ଛପର, କଚା ଘରେ ବସବାସ କରୁଥିବା ଲୋକେ ହୀନସ୍ତା ହେଉଛନ୍ତି। ଗୁହାଳ ଭିତରୁ ଗୋରୁ ଗାଈମାନେ ବାହାରକୁ ବାହାରି ନ ପାରି ଛଟପଟ ହେଉଛନ୍ତି। ଏହାଛଡ଼ା ରବି ଋତୁରେ ଚାଷୀମାନେ କରିଥିବା ମୁଗ ଫସଲ ଓ ପନିପରିବା ଫସଲ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହି ବ୍ଲକର କେତେକ ପଞ୍ଚାୟତର ଚାଷୀମାନେ ପାଣିମଡ଼ା ମୁଗ ଚାଷ କରିଥିବା ବେଳେ ଆଉ କେତେକ ଚାଷୀମାନେ ଅପାଣିଆ ମୁଗ ବିରି ଚାଷ କରିଥିଲେ। ଚଢ଼ା ଦରରେ ଚାଷୀମାନେ ଉନ୍ନତମାନର ମୁଗ, ବିରି ବିହନ କିଣି କ୍ଷେତରେ ବୁଣିଥିବାବେଳେ ଗଛ ଉଠିବା ପରେ ଏହା ହୃଷ୍ଟ ପୃଷ୍ଟ ହେବା ପାଇଁ ଓ ରୋଗ ପୋକରୁ ରକ୍ଷା ପାଇବା ପାଇଁ ହରମୋନ ଓ କୀଟନାଶକ ପକାଇଥିଲେ। ବହୁ ଖର୍ଚ୍ଚାନ୍ତ ପରିଶ୍ରମ କରି ଚାଷ କରିଥିବାରୁ ଚଳିତ ବର୍ଷ ଭଲ ମୁଗ ଫସଲ ହୋଇଥିଲା। ଗତ ୩ ଦିନ ଧରି ଲଗାଣ ବର୍ଷା ହୋଇଥିବାରୁ ମୁଗ ଚାଷରେ ବିଭିନ୍ନ ପୋକ ଲାଗିଗଲାଣି। ମୁଗ ଗଛରେ ଲାଗିଥିବା ଏହି ପୋକ ଗୁଡ଼ିକ ଗଛ ଗୁଡ଼ିକରେ ଚରି ନଷ୍ଟ କରିଦେଉଛନ୍ତି। ଚଳିତ ବର୍ଷ ରବି ଋତୁରେ ମୁଗ ଓ ବିରି ଫସଲରେ ଚାଷୀ ଭଲ ଦିପଇସା ପାଇବା ପାଇଁ ଆଶା ବାନ୍ଧି ଥିବାବେଳେ ଲଗାଣ ବର୍ଷାରେ ଏହା ନଷ୍ଟ ହୋଇଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ବିଶେଷ କରି ଏହି ବ୍ଲକର କୋଲଣପୁର, କେନ୍ଦୁପାଟଣା, ଜିଗ୍ନୀପୁର, ବରାଦୋ, ଫଗୋଲ, ଜୟରାମପୁର, ରାମକୃଷ୍ଣପୁର, ନତକାଇ, ବଡ଼କ୍ଷୀର, ବୁହାଳ, ସରପଡ଼ା, କଟରପଡ଼ା, ସୁକରପଡ଼ା, ଅସୁରେଶ୍ୱର, କଟିକଟା, କେଣ୍ଟାଳୋ ସମେତ ଲୁଣା ଚିତ୍ରୋପ୍ତଳା ଦ୍ୱିପାଞ୍ଚଳର ବହୁ ପଞ୍ଚାୟତରେ ମଧ୍ୟ ମୁଗ ଫସଲ ନଷ୍ଟ ହୋଇଥିବା ଚାଷୀ ପ୍ରକାଶ କରିଛନ୍ତି। ଏହାଛଡ଼ା ଲୋକମାନେ ବାଡ଼ି ବଗିଚାରେ ଲଗାଇଥିବ ବିଭିନ୍ନ ପନିପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଛି। ନଷ୍ଟ ହୋଇଥିବା ମୁଗ, ବିରି ଓ ପନିପରିବା ଫସଲର କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଯୋଗାଇଦେବା ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ କୃଷି ଅଧିକାରୀ ସୁରେନ୍ଦ୍ରନାଥ ଘଡ଼ାଇଙ୍କୁ ପଚାରିବାରୁ ଆବଶ୍ୟକ ପଡ଼ିଲେ କ୍ଷୟକ୍ଷତିର ଆକଳନ କରାଯିବ କିନ୍ତୁ ବର୍ତ୍ତମାନ ବର୍ଷା କମିବା ପରେ ଶତକଡ଼ା ୫୦ଭାଗ ରିଆତିରେ ପୋକମରା ଔଷଧ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

## ଅର୍ଥନୀତି ବିଭାଗ ପକ୍ଷରୁ ଆଲୋଚନାଚକ୍ର

**ବାଙ୍କୀ,୨୦।୩(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଏକ ଆଲୋଚନା ଚକ୍ର ସହିତ ଶେଷବର୍ଷ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ରାଜ୍ୟ ତଥା ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଏହି ବିଭାଗର ଛାତ୍ରଛାତ୍ରୀମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ଉଲ୍ଲେଖ କରିଥିଲେ। ବିଭଗୀୟ ମୁଖ୍ୟ ଅଧ୍ୟାପକ କେ.ଏମ୍.ସୁବାଶିଷ ସଭାପତିତ୍ୱ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ରାଜକିଶୋର ପାଲ୍ ଯୋଗଦାନ କରି ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢ଼ିବା ସହିତ ନିଜ ପରିବାରର ଅର୍ଥନୀତିକୁ ସୁଦୃଢ଼ କଲେ ପରିବାର ସୁରୁଖୁରୁରେ ଚଳିପାରିବ ବୋଲି ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରତ୍ନାକର ଦାଶ ଓ ଅଧ୍ୟାପିକା ଶୁଭଲକ୍ଷ୍ମୀ ଯୋଶୀ ଯୋଗଦାନ କରି ଶେଷବର୍ଷର ସ୍ନାତକ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମଧୁମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




# କୋହଲା ପାଗରେ ପଖାଳ ଦିବସ ଫିକା

**ନିଶ୍ଚିନ୍ତକୋଇଲି,୨୦।୩(ସମିସ):** ସାଧାରଣତଃ ଖରାଦିନେ ପଖାଳ ଖାଇବା ମଜା ନିଆରା। ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ପଖାଳ ଦିବସ ପଡ଼ିଥାଏ। ଏହି ଦିବସ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ ଗୌରବର ଦିନ ଅଟେ। ପଖାଳ ଓଡ଼ିଆ ସଂସ୍କୃତି ଓ ଜନଜୀବନ ସହ ଓତଃପ୍ରୋତ ଭାବେ ଜଡ଼ିତ। ଓଡ଼ିଆମାନେ ଯେଉଁଠି ଥାଆନ୍ତୁ ନା କାହିଁକି ସେମାନେ ସାଧାରଣତଃ ଗ୍ରୀଷ୍ମ ଦିନରେ ପଖାଳ କଂସାକୁ ଝୁରି ହୁଅନ୍ତି। ଗ୍ରୀଷ୍ମର ପ୍ରକୋପ ଯେତେ ହଉନା କାହିଁକି ଓଡ଼ିଆଙ୍କ ପେଟରେ ପଖାଳ ମୁଠା ପଡ଼ିଗଲେ ପେଟ ଥଣ୍ଡା ଓ ମନ ଶାନ୍ତି ହୋଇଯାଏ। ସେଥିପାଇଁ ପଖାଳ ହେଉଛି ଓଡ଼ିଆ ମାନଙ୍କର ଅତ୍ୟନ୍ତ ପ୍ରିୟ ଖାଦ୍ୟ। ବୁଧବାର ଦିନ ପଖାଳ ଦିବସ ଅବସରରେ ଗ୍ରାମ ହେଉ ବା ସହରରେ ବସବାସ କରୁଥିବା ଓଡ଼ିଆମାନେ ପଖାଳ ଦିବସକୁ ଅତ୍ୟନ୍ତ ଧୂମଧାମର ସହ ପାଳନ କରିଥାନ୍ତି। ପ୍ରତ୍ୟେକ ଘରେ ପଖାଳ ସହିତ ବିଭିନ୍ନ ପ୍ରକାର ମାଛ ଭଜା, ଚୁଙ୍ଗୁଡ଼ି ରାଇ, ଚୂନା ମାଛ ରାଇ ସହ ସୁସ୍ୱାଦୁ ପଖାଳ ଭୋଜନ କରିଥାନ୍ତି। ଗତ ସୋମବାର ଠାରୁ ଝିପିଝିପି ବର୍ଷା ସହିତ ପାଗ କୋହଲା ହୋଇଥିବାରୁ ପଖାଳ ଦିବସ ଫିକା ପଡ଼ିଛି। ଏହି ପଖାଳ ଦିବସ ପାଇଁ ବିଭିନ୍ନ ହୋଟେଲ ମାନଙ୍କରେ ପ୍ରସ୍ତୁତ ହୋଇଥିବା ପଖାଳ ଖାଦ୍ୟର ବିକ୍ରିରେ ବହୁ ମାନ୍ଦା ଥିବା ଦେଖାଦେଇଛି।



## ରସାୟନ ବିଜ୍ଞାନ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




**ବାଙ୍କୀ,୨୦।୩(ସମିସ):** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ଶେଷବର୍ଷର ସ୍ନାତକ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ ଦେବା ସହ ନୂତନ ଭାବେ ଯୋଗଦେଇଥିବା ଅଧ୍ୟାପିକା ବିନୋଦିନୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ପ୍ରମୋଦ କୁମାର ପଣ୍ଡା ସଭାପତିତ୍ୱ କରିବା ସହ ବିଭାଗର ଐତିହ୍ୟ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ନିବାସିନୀ ପଣ୍ଡା, ଅଧ୍ୟାପିକା ଶିଲ୍ପା ପଟ୍ଟନାୟକ, ଅଧ୍ୟାପିକା ଶୁଭଶ୍ରୀ ଦାଶ, ଅଧ୍ୟାପିକା ସୁଦିକ୍ଷା ଲେଙ୍କା, ପଦାରବିନ୍ଦ ମହାନ୍ତି ଓ କିଶୋର ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ଶୁଭକାମନା ଫୁଲତୋଡ଼ା ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ। ବିଶ୍ୱଜିତ୍ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତକଙ୍କ ପରିବାରକୁ ସହାୟତା କଲେ ବିଧାୟକ



**ନିଶ୍ଚିନ୍ତକୋଇଲି,୨୦।୩(ସମିସ):** କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ନିଶ୍ଚିନ୍ତକୋଇଲି ବ୍ଲକ ମାଣପୁର ଗ୍ରାମ ପଞ୍ଚାୟତ ବୋଦର ଗ୍ରାମର ଦୁଇ ମୃତକ ପରିବାରକୁ ସାକ୍ଷାତ କରି ସମବେଦନା ଜଣାଇବା ସହିତ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଗତ ୧୭ ତାରିଖ ଦିନ ଏହି ଗ୍ରାମର ବସନ୍ତ ମଳିକଙ୍କ ପୁଅ ପ୍ରଶାନ୍ତ ମଳିକ(୨୦), ରବୀନ୍ଦ୍ର ମଳିକଙ୍କ ପୁଅ ବିଜୟ ମଳିକ(୨୧) ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ। ବିଧାୟକଙ୍କ ସହିତ ସଦର ବ୍ଲକ ବିଜେଡି ସଭାପତି ପ୍ରମୋଦ କୁମାର ମହାପାତ୍ର, ପଞ୍ଚାୟତ ବିଜେଡି ସଭାପତି ରୁସ୍ତମ ମହମ୍ମଦ, ସରପଞ୍ଚ ପ୍ରତିନିଧି ଅକ୍ଷୟ ସେଠୀ, ସରପଞ୍ଚ ଅବଦୁଲ ୱାହିଦ୍ ଖାଁ, ସୁଶାନ୍ତ ସେଠୀ, ସମିତିସଭ୍ୟ ଲିୟାକତ୍ ଅଲ୍ଲୀ ଖାଁ, କୌସର ଅଲ୍ଲୀ, ସୋମନାଥ ମହାରଣା, କିଶୋର ମଳିକ, ପ୍ରଭାତ ବେହେରା, ସନ୍ତୋଷ ସ୍ୱାଇଁ, ଦେବେନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଠିକାଦାରଙ୍କ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ

## ଲଗାଣ ବର୍ଷାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସଙ୍ଗିନ

**ଟାଙ୍ଗୀ,୨୦।୩(ସମିସ):** ପରିବେଶ ଆକର୍ଷଣୀୟ ହେବା ସହ ବାରମ୍ବାର 'କାୟାକଳ୍ପ' ସମ୍ମାନରେ ସମ୍ମାନୀତ ହୋଇଛି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର। ମାତ୍ର ଠିକାଦାର ତଥା ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ସାମାନ୍ୟ କାଳବୈଶାଖୀ ବର୍ଷାରେ ମେଡିକାଲର ଅବସ୍ଥା ଖରାପ ହେବା ଘଟଣାକୁ ନେଇ ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ସୂଚନା ଅନୁଯାୟୀ ବ୍ଲକ ମୁଖ୍ୟାଳୟ ଟାଙ୍ଗୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଉଭୟ ଟାଙ୍ଗୀ ଓ ଚୌଦ୍ୱାର ଥାନା ଅଞ୍ଚଳର ଲକ୍ଷାଧିକ ଲୋକେ ନିର୍ଭର କରିଥାଆନ୍ତି। ନିକଟରେ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର '୫-ଟି' ତଥା 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ରୂପାନ୍ତରିତ କରାଯାଇଛି। ପୁରୁଣା କୋଠା ସହ ଲୁହା ଓ ଫାଇବର ସେଡ୍ ଖଞ୍ଜାଯାଇ ପରିବେଶକୁ ବେଶ୍ ଆକର୍ଷଣୀୟ କରାଯାଇଛି। ହେଲେ କୋଠା ସହ ସେଡ୍ ଠିକ୍ ଭାବେ ଲାଗି ନ ଥିବାରୁ ବର୍ଷା ହେଲେ ଛାତପାଣି ଖସି କାନ୍ଥ ଓଦା ହେବା ସହ ଅନ୍ତଃବିଭାଗରେ ପାଣି ଜମୁଛି। ଜଳ ନିଷ୍କାସନ ବ୍ୟବସ୍ଥା ବ୍ୟବସ୍ଥିତ ନ ଥିବାରୁ ଜମିଥିବା ଜଳ ନିଷ୍କାସନରେ ଦୀର୍ଘ ସମୟ ଲାଗୁଛି। ଦୂରଦୃଷ୍ଟିର ଅଭାବ ଯୋଗୁଁ ଏଭଳି ଘଟିଥିବା ବେଳେ ସଂପୃକ୍ତ ଠିକାଦାରଙ୍କୁ କଡ଼ା ତାଗିଦ କରାଯାଇଛି ଓ ଆବଶ୍ୟକ କାର୍ଯ୍ୟ ଶେଷ ନ କଲେ ଠିକାଦାରଙ୍କ ବକେୟା ପାଉଣା ବନ୍ଦ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଶେଷ ସୂତ୍ରରୁ ଜାଣିବାକୁ ମିଳିଛି।




## ବସ୍‌ରୁ ମିଳିଲା ୭୦ ଚୋରା ବ୍ୟାଟେରୀ

**କଟକ,୨୦।୩(ସମିସ):** ଏକ ଯାତ୍ରୀବାହୀ ବସ୍‌ରେ ବ୍ୟାଟେରୀ ଓ ଲୁହା ରୋଲର ଚାଲାଣ ବେଳେ ତାହାକୁ ଜବତ କରିଛି ଚାଉଳିଆଗଞ୍ଜ ଥାନା ପୁଲିସ। ତେବେ ଗାଡିରେ ଯାତ୍ରୀ ଥିବାରୁ ଉକ୍ତ ବସ୍‌କୁ ଜବତ କରାଯାଇପାରିନାହିଁ। ପୁଲିସର ସୂଚନା ଅନୁଯାୟୀ ରାତି ପ୍ରାୟ ୧୦ଟା ସମୟରେ ଚାଉଳିଆଗଞ୍ଜ ଥାନା ପୁଲିସକୁ ଖବର ମିଳିଥିଲା ଯେ ଭୁବନେଶ୍ୱରରୁ କୋଲକାତା ଅଭିମୁଖେ ଯାଉଥିବା ଶିବମ୍ ବସ୍‌ରେ ବିପୁଳ ପରିମାଣର ଚୋରା ବ୍ୟାଟେରୀ ଓ ଲୁହା ରୋଲର ଯାଉଛି। ଏହି ସୂଚନା ପାଇବା ପରେ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପୁଲିସ ଦଳ ଥାନା ସମ୍ମୁଖରେ ଜଗି ରହିଥିଲେ। ଏହାପରେ ଉକ୍ତ ବସ୍‌କୁ ଅଟକାଇ ଯାଞ୍ଚ କରାଯିବାରୁ ସେଥିରୁ ବଡ ବଡ ଯାନବାହନରେ ବ୍ୟବହୃତ ହେଉଥିବା ୨୪ ଭୋଲଟ୍‌ର ୭୦ଟି ବ୍ୟାଟେରୀ ମିଳିଥିଲା। ଏହାଛଡ଼ା ୧୨ଟି ଲୁହା ରୋଲର ମଧ୍ୟ ମିଳିଥିଲା। ଗାଡି ଚାଳକ ବା ଅନ୍ୟ କର୍ମଚାରୀ ଏଗୁଡିକର କୌଣସି କାଗଜପତ୍ର ଦେଖାଇ ନ ପାରିବାରୁ ତାହାକୁ ଜବତ କରାଯାଇଥିଲା। ଅନ୍ୟପକ୍ଷରେ ବସ୍‌ଟି ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କୁ ଧରି କଲକାତା ଯାଉଥିବାରୁ ଗାଡିକୁ ଜବତ କରାଯାଇ ନ ଥିଲା। ତେବେ ଦୁଇଦିନ ମଧ୍ୟରେ ବସ୍ ସହିତ ଥାନାରେ ହାଜର ହେବା ପାଇଁ ମାଳିକ ଓ ଚାଳକଙ୍କୁ କୁହାଯାଇଛି।

## ହଳଧରପୁର-କଣ୍ଟିବାଙ୍କ ରାସ୍ତା ଶୋଚନୀୟ

### ୧୬ ବର୍ଷେ ହେବ ହୋଇନି ମରାମତି

**ନିଶ୍ଚିନ୍ତକୋଇଲି,୨୦।୩(ସମିସ):** ସୁକରପଡ଼ା ଗ୍ରାମପଞ୍ଚାୟତ ହଳଧରପୁର ଗ୍ରାମରୁ କଣ୍ଟିବାଙ୍କ ପର୍ଯ୍ୟନ୍ତ ଗ୍ରାମ୍ୟ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଗତ ୨୦୦୭ ମସିହାରେ ଉକ୍ତ କଚା ରାସ୍ତାକୁ ଢଳେଇ ରାସ୍ତାରେ ପରିଣତ କରାଯାଇଥିଲା। ଦୀର୍ଘ ୧୬ ବର୍ଷ ହେବ ଏହି ରାସ୍ତାକୁ ମରାମତି କରା ନ ଯିବାରୁ ଏହା ବିଭିନ୍ନ ସ୍ଥାନରେ ଫାଟିଯିବା ସହିତ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଟିକିଏ ବର୍ଷା ହେଲେ ଏହି ଗର୍ତ୍ତ ଗୁଡ଼ିକରେ ପାଣି ଭର୍ତ୍ତି ହୋଇ ରହିଥିବା ବେଳେ ଭାଙ୍ଗି ଯାଇଥିବା ଢଳେଇ ଉପରେ ଯାତାୟତ କରିବା ସମ୍ଭବ ହେଉନାହିଁ। ଏହି ରାସ୍ତା ଉପରେ ସୁକରପଡ଼ା ପଞ୍ଚାୟତର ହଳଧରପୁର ଏବଂ ମାହାଙ୍ଗା ବ୍ଲକର ଗୋତରା, ଭଦ୍ରେଶ୍ୱର ପଞ୍ଚାୟତ ଲୋକମାନେ ଯାତାୟତ କରନ୍ତି। ଦୀର୍ଘ ବର୍ଷ ହେବ ଏହାର ମରାମତି ଅଭାବରୁ ଏହି ସଂଯୋଗକାରୀ ରାସ୍ତାଟି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ତୁରନ୍ତ ଏହି ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।



## ବାଗେଶ୍ୱରୀ ପୀଠରେ ରାମଚରିତ ମାନସ



**ନିଶ୍ଚିନ୍ତକୋଇଲି,୨୦।୩(ସମିସ):** କେଣ୍ଟାଳ ପଞ୍ଚାୟତ ଜୁଲୁକୀପଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବାଗେଶ୍ୱରୀ ପୀଠରେ ୯ଦିନ ଧରି ରାମଚରିତ ମାନସ ଓ ପାରାୟଣ ଅନୁଷ୍ଠିତ ହୋଇଛି। ପ୍ରବଚକ ବିଭୂତି ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପ୍ରତ୍ୟେକ ଦିନ ହନୁମାନ ଚାଳିଶା ସହିତ ରାମାୟଣର ବିଭିନ୍ନ ଶୀର୍ଷକ ଆଲୋଚନା କରାଯାଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ଓଏସି ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଆଧ୍ୟାତ୍ମିକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନ ପକ୍ଷରୁ ବିଶେଷ ଭାବରେ ପ୍ରବଚକ ଶ୍ରୀ ମହାରାଜଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଶିକ୍ଷାବିତ୍ ଡ. ପ୍ରସନ୍ନ କୁମାର ଦାସ, ପ୍ରଭାତ ବାରିକ, ଶ୍ରୀଧର ମହାରଣା, ବିଜୟ ଲେଙ୍କା, ଅନାମ ବାରିକ, ଚିରଞ୍ଜିବୀ ବାରିକ, ନିରଞ୍ଜନ ଘଡ଼େଇଙ୍କୁ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ 'ମୋ ଗାଁ ମୋ ସମ୍ମାନ' ପ୍ରଦାନ କରାଯାଇଛି।

### ଅବହେଳିତ ଅବସ୍ଥାରେ ଗୋବିନ୍ଦପୁର ଥାନା

# ୮ ଜଣଙ୍କ ସ୍ଥାନରେ କାର୍ଯ୍ୟ କରୁଛନ୍ତି ମାତ୍ର ୨ କନେଷ୍ଟବଲ

**କଣ୍ଠାପଡା,୨୦।୩(ସମିସ)**

ଆଗକୁ ସାଧାରଣ ନିର୍ବାଚନ

ଆଉ ଦୁଇମାସ ପରେ ସାଧାରଣ ନିର୍ବାଚନ। ୧୬ ତାରିଖରୁ ଲାଗୁ ହୋଇସାରିଲାଣି ଆଦର୍ଶ ଆଚରଣ ବିଧି। କିନ୍ତୁ ନିଆଳୀ ନିର୍ବାଚନ ମଣ୍ଡଳୀର ସର୍ବପୁରାତନ ବ୍ରିଟିସ ଅମଳର ଗୋବିନ୍ଦପୁର ଥାନା ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ଏହି ଅଞ୍ଚଳ ଏକ ସମ୍ବେଦନଶୀଳ ଅଞ୍ଚଳ ହୋଇଥିବାରୁ ବ୍ରିଟିସମାନେ ଏଠାରେ ଥାନା ପ୍ରତିଷ୍ଠା କରିଥିଲେ। ପରେ ଜନସଂଖ୍ୟା ବୃଦ୍ଧି ଓ ଆଇନ୍‌ଶୃଙ୍ଖଳାକୁ ଗୁରୁତ୍ୱଦେଇ ସରକାର ନିଆଳୀ ଏବଂ ଓଲଟପୁରରେ ଦୁଇଟି ଥାନା ପ୍ରତିଷ୍ଠା କରିଛନ୍ତି। ୧୪ଟି ପଞ୍ଚାୟତକୁ ନେଇ ଗଠିତ କଣ୍ଠାପଡା ବ୍ଲକ ଅଞ୍ଚଳରେ ଦୁଇଟି ଥାନା ଓଲଟପୁର ଓ ଗୋବିନ୍ଦପୁର ଥିବା ବେଳେ ଗୋବିନ୍ଦପୁର ଥାନା ଅଧୀନରେ ୧୧ଟି ପଞ୍ଚାୟତ ଅର୍ନ୍ତଭୁକ୍ତ। ଏହି ଥାନାରେ ଅଧିକାରୀଙ୍କ ସଂଖ୍ୟା ଠିକ ଥିବା ବେଳେ କ୍ଷେତ୍ର କର୍ମ.ଚାରୀ (କନେଷ୍ଟବଳ)ଙ୍କ ସଂଖ୍ୟା ୮ ବଦଳରେ ମାତ୍ର ୩ ରହିଛି। ତନ୍ମଧ୍ୟରୁ ଅପ୍ରେଲ ମାସ ୧ ତାରିଖରେ ଜଣେ ଅବସର ଗ୍ରହଣ କରିବେ ଏବଂ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଯାଇଥିବାରୁ ନୂଆ ନିଯୁକ୍ତି ହୋଇପାରିବ ନାହିଁ। ଅପରପକ୍ଷରେ ଗୋବିନ୍ଦପୁର ଥାନା ଅଞ୍ଚଳରେ ନିର୍ବାଚନ ସମୟରେ ଅନେକ ରାଜନୈତିକ ହିଂସା ଦେଖାଯାଇଥାଏ। ଏଭଳି ସମୟରେ ଥାନାରେ କର୍ମ.ଚାରୀ ଅଭାବ ଥାନା ଅଞ୍ଚଳବାସୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ବେଳେ ପ୍ରଶାସନ ଏଭଳି ଗମ୍ଭୀର ସମସ୍ୟା ଉପରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।




## କର୍ମ ଜ୍ଞାନ ଓ ଭକ୍ତିର ସମନ୍ୱିତ ସାଧନା ହେଲା କ୍ରିୟା ଯୋଗ

**ଆଠଗଡ଼,୨୦।୩(ସମିସ):** ପ୍ରଜ୍ଞାନ ମିଶନ ଆଠଗଡ଼ ପକ୍ଷରୁ ବାଣିକଣ୍ଠ ନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଆଜି ସନ୍ଧ୍ୟାରେ ଏକ କ୍ରିୟା ଯୋଗ ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଜ୍ଞାନ ମିଶନର ମୁଖ୍ୟ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଯୋଗଦାନ କରି କ୍ରିୟା ଯୋଗର ଅର୍ଥ ତାତ୍ପର୍ଯ୍ୟ ଓ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମ, ଜ୍ଞାନ ଓ ଭକ୍ତିର ଏକ ସମନ୍ୱିତ ସାଧନାକୁ କ୍ରିୟା ଯୋଗ କୁହାଯାଏ ବୋଲି କହିବା ସହ ଆତ୍ମାର ପରମାତ୍ମା ସହିତ ମିଳନ ଯୋଗର ପ୍ରକୃତ ସ୍ୱରୂପ ବୋଲି ମତବ୍ୟକ୍ତ କରିଥିଲେ। ନିୟମିତ କ୍ରିୟା ଯୋଗ ସାଧନା ଦ୍ୱାରା ମଣିଷ ଜୀବନରେ ପ୍ରକୃତ ଶାନ୍ତି ଓ ଆନନ୍ଦ ମିଳିଥାଏ ଏବଂ କ୍ରିୟା ଯୋଗ ଦ୍ୱାରା ମନରେ ଏକାଗ୍ରତା ସ୍ମରଣ ଶକ୍ତି ଓ ଆନନ୍ଦର ଭାବ ବୃଦ୍ଧି ପାଇଥାଏ ବୋଲି ପ୍ରଜ୍ଞାନାନନ୍ଦ ପ୍ରକାଶ କରିଥିଲେ। ପ୍ରଫେସର ଡ. ନରୋତ୍ତମ ଗାହାଣ ପ୍ରାରମ୍ଭିକ ସୂଚନା ଏବଂ ଗୁରୁଦେବଙ୍କର ପରିଚୟ ପ୍ରଦାନ କରିଥିଲେ। ସ୍ୱାମୀ ବିଜ୍ଞାନାନନ୍ଦ ଗିରି, ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଗିରି ଓ ସ୍ୱାମୀ ଆଞ୍ଜନେୟାନନ୍ଦ ଗିରି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ୩୧ ୟୁନିଟ ରକ୍ତ ସଂଗୃହୀତ



ଟାଙ୍ଗୀ, ୨୦ ।୩(ସମିସ): ଖରାଦିନେ ରକ୍ତର ବହୁତ ଅଭାବ ରହୁଥିବା ଲକ୍ଷ୍ୟ ନେଇ ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ କପିଳାସ ସିମେଣ୍ଟ କମ୍ପାନୀ ପରିସରରେ ଡାଲମିଆ ଭାରତ ଫାଉଣ୍ଡେସନ ଓ କେନ୍ଦ୍ରୀୟ ରେଡକ୍ରସ ରକ୍ତ ଭଣ୍ଡାର କଟକର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ମାନବ ସମ୍ବଳ ମୁଖ୍ୟ ଅଜିତ୍ କୁମାର ପାୟରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୩୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଉକ୍ତ ଶିବିରରେ ମୁଖ୍ୟଅତିଥି ଭାବେ କମ୍ପାନୀ ୟୁନିଟ ହେଡ ଭବେଶ ୱାଲା ଓ ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର ଚିକିତ୍ସକ ଡ. କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦାନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରେଡକ୍ରସ ରକ୍ତଭଣ୍ଡାର ପକ୍ଷରୁ ସନ୍ଦୀପ ସ୍ୱାଇଁ, ସାରଦା ଓଝା, ମୃତ୍ୟୁଞ୍ଜୟ ବେଜ, ଅବିନାଶ ଦାଶ ଓ ପ୍ରସନ୍ନ ସ୍ୱାଇଁ ପ୍ରମୁଖ ରକ୍ତ ସଂଗ୍ରହ କରିଥିବାବେଳେ ସିଏସଆର ମୁଖ୍ୟ କବିତା ସାହୁ ଧନ୍ୟବାଦ ଦେଇଥିଲେ । କମ୍ପାନୀର କର୍ମଚାରୀମାନେ ସହଯୋଗ କରିଥିଲେ ।

## ବାଙ୍କୀରେ ବିଶ୍ୱ ପଖାଳ ଦିବସ




ବାଙ୍କୀ, ୨୦।୩(ସମିସ): ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଆନୁକୂଲ୍ୟରେ ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଗ୍ରାମର ଯୁବ ଭବନ ଠାରେ ବିଶ୍ୱ ପଖାଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଯୋଗଦେଇଥିବା ସମସ୍ତ ଅତିଥିଙ୍କୁ ପଖାଳ, ବଡିଚୁରା, ମାଛଭଜା, ବାଇଗଣ ଚଟଣୀ ଆଦି ପରସା ଯାଇ ବିଶ୍ୱ ପଖାଳ ଦିବସର ତାତ୍ପର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିଥିଲେ । ଆଦର୍ଶ ଯୁବ ପରିଷଦର ଆବାହକ ଅକ୍ଷୟ କୁମାର ସାମଲଙ୍କ ପରିଚାଳନାରେ ଉକ୍ତ ଦିବସ ପାଳିତ ହୋଇଯାଇଛି । ଅତିଥି ଭାବେ କବି କୌଶିକ ନାୟକ, ବାଙ୍କୀ କଲେଜ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର, ସମାଜସେବୀ କେଶବ ଚନ୍ଦ୍ର ବେହେରା, ଶିକ୍ଷାବିତ୍ କାଶୀନାଥ ରାଉତ, କୁମାର ଅମୀୟ, କବି ଲଲାଟେନ୍ଦୁ ପଣ୍ଡା, ଶଶିଭୂଷଣ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ବରେନ୍ଦ୍ର ବେହେରା, ବସନ୍ତ ରାଉତ, ବିଶ୍ୱନାଥ ନାୟକ ପ୍ରମୁଖ ଯୋଗଦାନ କରି ଓଡ଼ିଆ ସଂସ୍କୃତିରେ ପଖାଳର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିବା ସହ ଆମ ଦୈନନ୍ଦିନ ଜୀବନରେ ଏହା ଏକ ସ୍ୱାଦିଷ୍ଟ ଖାଦ୍ୟ ରୂପେ ବର୍ଣ୍ଣନା କରିଥିଲେ ।

## ବିଶ୍ୱ ଘରଚଟିଆ ଦିବସ



ବାଙ୍କୀ, ୨୦।୩(ସମିସ): ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଆନୁକୂଲ୍ୟରେ ବିଶ୍ୱ ଘରଚଟିଆ ଦିବସ ପାଳିତ ହୋଇଯାଇଛି । ବିଜ୍ଞାନର ଅଗ୍ରଗତି ଯେତିକି ପରିମାଣରେ ବଢ଼ି ଚାଲିଛି ତାହା ମାନବ ସଭ୍ୟତାକୁ ବହୁଗୁଣରେ ବଦଳାଇ ଦେଇଛି । ଏହି ପରିପ୍ରେକ୍ଷୀରେ ବିଲୁପ୍ତ ହୋଇଯାଇଥିବା ଏକ ଛୋଟ ତଥା ପରିବେଶ ସାଥି ଘରଚଟିଆ ପକ୍ଷୀର ସୁରକ୍ଷା ଓ ବଂଶ ବିସ୍ତାର ପାଇଁ ସାରା ବିଶ୍ୱରେ ୨୦୧୦ ମସିହା ମାର୍ଚ୍ଚ ୨୦ ତାରିଖକୁ ବିଶ୍ୱ ଘରଚଟିଆ ଦିବସ ଭାବେ ପାଳନ କରାଯାଉଛି । ପ୍ରାଣୀବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଶ୍ୟାମଲାଲ୍ ଭୋଏ, କୁମୁଦରଞ୍ଜନ ମହାରଣା ଓ ଅବିନାଶ ପରିଡ଼ା ପ୍ରମୁଖ ଯୋଗଦାନ କରି ଘରଚଟିଆ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପ୍ରାଣୀ ବିଜ୍ଞାନ ବିଭାଗ ତରଫରୁ ବାଙ୍କୀର ବିଭିନ୍ନ ଗ୍ରାମରେ ମାଟି ନିର୍ମିତ ଘରଚଟିଆ ବସା ରଖାଯାଇ ବଂଶ ବୃଦ୍ଧି ପାଇଁ ପ୍ରୟାସ କରାଯାଇଛି ।

# କାଜୁ ଜଙ୍ଗଲରୁ ମଣିଷ ଖପୁରୀ ଉଦ୍ଧାର

ବାଙ୍କୀ, ୨୦।୩(ସମିସ)



**୧୮ ମାସ ତଳେ ନିଖୋଜ ଯୁବତୀଙ୍କ ଖପୁରୀ ସନ୍ଦେହ**

**ଖପୁରୀ ନିକଟରୁ ପରିଚୟ ପତ୍ର ଓ ବ୍ୟାଗ ଉଦ୍ଧାର**

ବାଙ୍କୀ ଥାନା ଅନ୍ତର୍ଗତ ଡମପଡ଼ା କଲେଜ ନିକଟସ୍ଥ କାଜୁ ଜଙ୍ଗଲ ମଧ୍ୟରୁ ଗୋଟିଏ ମଣିଷ ଖପୁରୀ ଠାବ ହୋଇଛି । ହେଲେ ଘଟଣାସ୍ଥଳରେ ୧୮ ମାସ ତଳୁ ନିଖୋଜ ହୋଇଥିବା ଡମପଡ଼ା ସୁବୁଦ୍ଧି ସାହିର ଯୁବତୀ ଝୁନା ଜେନାଙ୍କ ପରିଚୟପତ୍ର ଓ ବ୍ୟାଗ୍ ସହିତ ଗୋଟିଏ ବ୍ୟବହୃତ ଟିଫିନ୍ ପଡ଼ିଛି । ଏହି ସବୁ ସାମଗ୍ରୀ ଝୁନାଙ୍କର ହୋଇଥିବା ବେଳେ ଏହା ତାଙ୍କ ଖପୁରୀ ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଖବର ପାଇ ବାଙ୍କୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ ଯେ, ଦୀର୍ଘ ୧୮ ମାସ ତଳୁ ଡମପଡ଼ା ସୁବୁଦ୍ଧି ସାହିର ଚରଣ ଜେନାଙ୍କ ଝିଅ ଝୁନା ଜେନା ଗୋଡିସାହି ସ୍ଥିତ ଏକ କମ୍ପାନୀକୁ କାମ କରିବାକୁ ଯାଇ ଘରକୁ ଆସିବା ବାଟରେ ନିଖୋଜ ହୋଇଯାଇଥିଲା । ବର୍ତ୍ତମାନ ସୁଦ୍ଧା ପୁଲିସ ନିଖୋଜ ଯୁବତୀର କୌଣସି ସନ୍ଧାନ ପାଇନାହିଁ । ହେଲେ ଏବେ ଠିକ୍ ୧୮ ମାସ ପରେ କାଜୁ ଜଙ୍ଗଲରୁ ନିଖୋଜ ଯୁବତୀଙ୍କ ନିଜ ପରିଚୟ ପତ୍ର, ଭ୍ୟାନିଟ୍ ବ୍ୟାଗ ଓ ଟିଫିନ୍ ପଡ଼ିଥିବା ବେଳେ ଠାବ ହୋଇଛି ଏକ ନରମୁଣ୍ଡ । ନିଖୋଜ ଝୁନା ଜେନାଙ୍କୁ କେହି ଦୁର୍ବୃତ୍ତ ହତ୍ୟା କରି ଜଙ୍ଗଲରେ ଫୋପାଡି ଦେଇ ଚାଲିଯାଇଥିବା ନେଇ ସନ୍ଦେହ ସୃଷ୍ଟି ହେଉଛି । ଏ ସମ୍ପର୍କରେ ପୁଲିସ ତଦନ୍ତ କରିବା ସହିତ ଶବ ବ୍ୟବଚ୍ଛେଦ ପରେ ଏହି ନର ମୁଣ୍ଡଟି ନିଖୋଜ ଯୁବତୀଙ୍କର କିମ୍ବା ଅନ୍ୟ କାହାର ସେ ସମ୍ପର୍କରେ ଜଣାପଡ଼ିବ ।

■ ପ୍ରାଣୀ ଚିକିତ୍ସା କେନ୍ଦ୍ରର ଅବସ୍ଥା ବେହାଲ

## ଫାଟକ ସମ୍ମୁଖରେ ଲହଡ଼ି ମାରୁଛି ବର୍ଷା ଜଳ



ଟାଙ୍ଗୀ, ୨୦ ।୩(ସମିସ)

ରାଜ୍ୟ ସରକାର ସ୍ୱାସ୍ଥ୍ୟକେନ୍ଦ୍ର ଓ ଶିକ୍ଷାକେନ୍ଦ୍ର ରୂପାନ୍ତିକରଣକୁ ଗୁରୁତ୍ୱ ପ୍ରଦାନ କରୁଛନ୍ତି । ଭିତ୍ତିଭୂମି ବିକାଶ ସାଙ୍ଗକୁ ଆନୁସଙ୍ଗିକ ଉପକରଣ ଯୋଗାଇ ଦିଆଯାଉଛି । ତଦନୁଯାୟୀ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳର ବହୁ ବିଦ୍ୟାଳୟ ଓ ଚିକିତ୍ସାଳୟ ରୂପାନ୍ତିକରଣ ହୋଇଛି । ମାତ୍ର ପ୍ରାଣୀଧନ ଚିକିତ୍ସା ନିମନ୍ତେ ବ୍ଲକ ମୁଖ୍ୟାଳୟ ଟାଙ୍ଗୀସ୍ଥିତ ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ସ୍ଥାନ ନ ପାଇବା ସାଧାରଣରେ ଚର୍ଚ୍ଚାକୁ ଆସିଛି । ପୁରୁଣାକାଳିଆ କୋଠାରେ ଥିବା ଛୋଟ କୋଠରୀରେ କାର୍ଯ୍ୟାଳୟ ପରିଚାଳିତ ହେଉଥିବାବେଳେ ପରିସର ଲତାଗୁଳ୍ମରେ ଭରି ରହିଛି । ସେହିପରି ପାଚେରୀ ନିର୍ମାଣ ହୋଇଥିଲେ ହେଁ ଲାଗିଥିବା ଲୁହା ଫାଟକ କଳଙ୍କି ଲାଗି ନଷ୍ଟ ହୋଇଗଲାଣି । ସାମାନ୍ୟ ବର୍ଷା ହେଲେ ଫାଟକ ସାମ୍ନାରେ ବର୍ଷା ଜଳ ଲହଡ଼ି ମାରୁଛି । କଂକ୍ରିଟ୍ ରାସ୍ତା ନ ଥିବାରୁ କାଦୁଅ ପାଣିରେ ପଶି ସମସ୍ତେ ଯା'ଆସ କରୁଛନ୍ତି । ପଶୁମାନଙ୍କ ଚିକିତ୍ସା ଓ ପରାମର୍ଶ ପାଇଁ ଆସୁଥିବା ଜନସାଧାରଣ ଅସୁବିଧା ଭୋଗ କରୁଛନ୍ତି । ଉକ୍ତ ଗୋଷ୍ଠୀ କେନ୍ଦ୍ର ଉପରେ ଟାଙ୍ଗୀ ଚୌଦ୍ୱାର ବ୍ଲକର ୨୪ଟି ପଞ୍ଚାୟତର ଜନସାଧାରଣ ନିର୍ଭର କରନ୍ତି । ପୂର୍ବରୁ ଏ ସଂକ୍ରାନ୍ତରେ ଦୈନିକ ଖବର କାଗଜ 'ସକାଳ'ରେ ଖବର ପ୍ରସାରଣ ହୋଇଥିଲେ ହେଁ ପ୍ରଶାସନ କିମ୍ବା ନେତା ଏଥିପ୍ରତି ଦୃଷ୍ଟି ନ ଦେବା ଆଲୋଡ଼ନ ସୃଷ୍ଟି କରିଛି ।

## ସମାଜସେବୀଙ୍କ ନାମରେ ଅପପ୍ରଚାର; ସାଇବର ଥାନାରେ ମାମଲା

ସାଲେପୁର, ୨୦ ।୩(ସମିସ)

ସ୍ଥାନୀୟ ସାଲେପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳର ଯୁବ ସଂଗଠକ ତଥା ଲୋକସେବକ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ହିମାଂଶୁ କୁମାର ମହାନ୍ତିଙ୍କ ନାମରେ ସୋସିଆଲ୍ ମିଡିଆରେ ଏକ ମିଥ୍ୟା ତଥା ବିଭ୍ରାନ୍ତିକର ଗୁଜବ ପ୍ରକାଶ ପାଇଥିବାରୁ ଏହାକୁ ନେଇ ଶ୍ରୀ ମହାନ୍ତି ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏ ସମ୍ପର୍କରେ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ ସୋସିଆଲ୍ ମିଡ଼ିଆରେ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯିବା ଓ ତାଙ୍କ ଗାଡ଼ି ଗଞ୍ଜେଇ ଚୋରା ଚାଲାଣରେ କମିଶନରେଟ୍ ପୁଲିସ ଦ୍ୱାରା ଜବତ ହେବା ଭଳି ମିଥ୍ୟା ଖବର ପ୍ରକାଶ ପାଇଥିବାରୁ ସେ ଏହାର ତୀବ୍ର ନିନ୍ଦା କରିବା ସହ ତାଙ୍କ ବିରୁଦ୍ଧରେ ବିରୋଧୀମାନେ ଏଭଳି ହୀନ ଉଦ୍ୟମ କରିଥିବା ସେ କହିଛନ୍ତି । ତାଙ୍କର ଗାଡ଼ି ଏବେ ସୁଦ୍ଧା ତାଙ୍କ ଘରେ ରହିଥିବାବେଳେ ସେ ମଧ୍ୟ କେଉଁଠାରେ ଗିରଫ ହୋଇନାହାଁନ୍ତି । ଅପରପକ୍ଷରେ ତାଙ୍କର ଗାଡ଼ି ଜବତ ଓ ଗିରଫ କରାଯାଇଛି ବୋଲି ସୋସିଆଲ୍ ମିଡ଼ିଆରେ ମିଥ୍ୟା ପ୍ରଚାର କରାଯାଇଥିବାରୁ ସେ ଏହାକୁ ନେଇ ସାଇବର ଥାନାର ଆଶ୍ରୟ ନେଇଛନ୍ତି ବୋଲି ପ୍ରକାଶ କରିବା ସହ ଏହି ଘଟଣାରେ ସେ ଆଇନ୍‌ର ଆଶ୍ରୟ ନେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବିଜେଡି ନେତା ଧ୍ରୁବଚରଣ ମହାନ୍ତି, ଦେବାଶିଷ ମଲ୍ଲିକ, ବିଶ୍ୱଜିତ୍ ଷଡ଼ଙ୍ଗୀଙ୍କ ସମେତ ବହୁ ନେତା ଉପସ୍ଥିତ ରହି ଏଭଳି ମିଥ୍ୟା ଗୁଜବକାରୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ ।

## ନିର୍ବାଚନ ପରିଚାଳନା ପାଇଁ ୧୫୦୮ ଅଧିକାରୀଙ୍କୁ ତାଲିମ୍



ବାଙ୍କୀ, ୨୦।୩(ସମିସ): ବାଙ୍କୀ ଉପଖଣ୍ଡରେ ଆୟୋଜିତ ପ୍ରଥମ ନିର୍ବାଚନ ମଣ୍ଡଳସ୍ତରୀୟ ତାଲିମ୍ ଶିବିର ଆଜି ସମାପ୍ତ ହୋଇଛି । ସର୍ବମୋଟ ୧୫୦୮ ଅଧିକାରୀଙ୍କୁ ନିର୍ବାଚନ ତାଲିମ୍ ପ୍ରଦାନ କରାଯାଇଛି । ବାଙ୍କୀ ବ୍ଲକର ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ୬୭୩ ଜଣ, ଡମପଡ଼ା ବ୍ଲକର ଚର୍ଚ୍ଚିକା ଉଚ୍ଚ ନୋଡାଲ୍ ସ୍କୁଲରେ ୩୯୬, ବାରଙ୍ଗ ବ୍ଲକ ମୁଣ୍ଡୁମୁହାଣ ଉଚ୍ଚବିଦ୍ୟାଳୟରେ ୨୨୫ ଏବଂ ବାରଙ୍ଗ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ୨୧୪ଜଣ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ନିର୍ବାଚନକୁ ଅବାଧ, ନିରପକ୍ଷ ଏବଂ ନିର୍ଭୁଲଭାବେ ପରିଚାଳନା କରିବା ନିମନ୍ତେ ନିୟୋଜିତ ଅଧିକାରୀଙ୍କୁ ବିଭିନ୍ନ ପ୍ରକ୍ରିୟା ସମ୍ବନ୍ଧରେ ତାଲିମ୍ ଦିଆଯାଇଛି । ଏହି ତାଲିମ୍ ଚଳିତ ମାସ ୧୪ରୁ ୨୦ତାରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା । ଆଜି ଉପଜିଲ୍ଲାପାଳ ଦେବୀପ୍ରସାଦ ମହାନ୍ତିଙ୍କ ତତ୍ତ୍ୱବଧାନରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଂଶୁମାନ ଦାଶ, ତହସିଲଦାର ଅଶେଷ ନାୟକ, ଡମପଡ଼ା ତହସିଲଦାର ସୁଚିସ୍ମିତା ଦାଶ, ସହକାରୀ ଉପଜିଲ୍ଲାପାଳ ପର୍ଶୁରାମ ମଲ୍ଲିକଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ତାଲିମ୍ ପ୍ରଦାନ କରିଥିଲେ ।



## ଲଗାଣ ବର୍ଷାରେ ବାଙ୍କୀ ସହର ବେହାଲ

ବାଙ୍କୀ, ୨୦।୩(ସମିସ): କାଳବୈଶାଖୀ ପ୍ରଭାବରେ ବାଙ୍କୀ ସହରର ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହିଛି । ବାଙ୍କୀ ଟାଉନ୍ ନିକଟବର୍ତ୍ତୀ ବାଙ୍କୀ-ଖୋର୍ଦ୍ଧା ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ବର୍ଷା ଜଳ ଜମି ରହିଛି । ଏ ନେଇ ଜନସାଧାରଣ ସମସ୍ୟା ଭୋଗୁଥିବା ବେଳେ ତୁରନ୍ତ ଜଳ ନିଷ୍କାସନ ପାଇଁ ଦାବି କରିଛନ୍ତି ।

## କୋର୍ଟ ଟ୍ରାଞ୍ଜିଟ୍ ହାଉସର ଭିତ୍ତିପ୍ରସ୍ତର ସ୍ଥାପନ

ବାଙ୍କୀ, ୨୦।୩(ସମିସ)

ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର ଦୁର୍ଗାପୁର ଠାରେ ବାଙ୍କୀ କୋର୍ଟର ଟ୍ରାଞ୍ଜିଟ୍ ହାଉସର ଭିତ୍ତିପ୍ରସ୍ତର ଶୁଭ ଉଦ୍‌ଘାଟନ ଉଚ୍ଚ ନ୍ୟାୟଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧର ଶରଣ ସିଂହ ଆଭାସୀ ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନର ଶୁଭ ଉଦ୍‌ଘାଟନ କରିଥିଲେ । ସ୍ଥାନୀୟ ବାଙ୍କୀ କୋର୍ଟର ଏସ୍‌ଡିଜିଏମ୍ ସାଧନଜିତ୍ ପଣ୍ଡା, ସବ୍ ଜଜ୍ ନବନୀତା ଦାଶ, ଜିଲ୍ଲା ଜଜ୍ କୋର୍ଟର ରେଜିଷ୍ଟ୍ରର ଦୀପଙ୍କର ପଟ୍ଟନାୟକଙ୍କ ସମେତ କୋର୍ଟର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।



— **ଜାନୁଆରୀରୁ ଉଚ୍ଛେଦ ହେଲାଣି ଟୋଲଗେଟ** —

# ମରାମତି ହେଲାନି ରାସ୍ତା, ଉଠିନାହିଁ ହମ୍ପସ

କଟକ, ୨୦।୩(ସମିସ)



ରାଜ୍ୟ ସରକାର ଗତ ବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରି ରାଜ୍ୟରେ ଥିବା ରାଜ୍ୟ ସରକାରଙ୍କ ସବୁ ଟୋଲଗେଟ ଉଚ୍ଛେଦ ଘୋଷଣା କରିଥିଲେ । କଟକ-ପାରାଦୀପ ୧୨ନମ୍ବର ରାଜ୍ୟ ରାଜପଥର କନ୍ଦରପୁର ନିକଟ ପାରାବିଲ୍ ଠାରେ ଥିବା ଟୋଲଗେଟକୁ ରାଜ୍ୟ ସରକାର ଗତ ବର୍ଷ ସେପ୍ଟେମ୍ବର ମାସ ୧୬ତାରିଖରୁ ଉଚ୍ଛେଦ କରିସାରିଲେଣି । ପୂର୍ତ୍ତ ବିଭାଗ ଅଧୀନରେ ଥିବା ଏହି ଟୋଲଗେଟକୁ ଓଡ଼ିଶା ସେତୁ ନିର୍ମାଣ ନିଗମ ପରିଚାଳନା କରୁଥିଲା । ଉଚ୍ଛେଦ ଘୋଷଣାର ଦୁଇମାସ ପରେ ଓବିସିସି ପକ୍ଷରୁ ପୂର୍ତ୍ତ ବିଭାଗକୁ ଟୋଲଗେଟ ହସ୍ତାନ୍ତର କରାଯିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ଜାନୁଆରୀ ମାସରେ ଏହି ଗେଟକୁ ଭଙ୍ଗା ଯାଇ ରାଜରାସ୍ତାରୁ ହଟାଇ ଦିଆଯାଇଛି । ଏଠାରେ ଲାଗିଥିବା ସମସ୍ତ ସୌରଚାଳିତ ଉଜ୍ଜ୍ୱଳ ଆଲୋକ କାଢି ନିଆଯିବା ସହିତ ରାସ୍ତାକୁ ଦୁଇଭାଗ କରୁଥିବା ଡିଭାଇଡର ଭାଙ୍ଗି ଦିଆଯାଇଛି । ପୂର୍ବରୁ ଲାଗିଥିବା ସୂଚନା ଫଳକ ମଧ୍ୟ କାଢି ଦିଆଯାଇଛି । କିନ୍ତୁ ବିଡ଼ମ୍ବନାର ବିଷୟ, ରାସ୍ତା ଡିଭାଇଡର ଭଙ୍ଗାଯିବା ଫଳରେ ମୁଖ୍ୟରାସ୍ତାରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ବଡ଼ ଧରଣର ଲମ୍ବା ଗାତ ମରାମତି ହୋଇନାହିଁ କି ରାସ୍ତାରୁ ହମ୍ପସ ଉଠାଯାଇନାହିଁ । ଫଳରେ ଅନ୍ଧାରରେ ଗାଡ଼ି ଦୁର୍ଘଟଣା ହେଉଛି । ବିଶେଷ କରି ମୋଟର ସାଇକଲରେ ଯାତାୟାତ କରୁଥିବା ବହୁ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି ।

ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ରାସ୍ତା ମରାମତି ଓ ହମ୍ପସ ଉଠାଇ ଦେବାକୁ ଅନୁରୋଧ କରୁଥିଲେ ମଧ୍ୟ ଅଧିକାରୀମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହେଉଛି । ତୁରନ୍ତ ରାଜପଥକୁ ସଠିକ ମରାମତି କରିବା ଓ ରାସ୍ତାରୁ ହମ୍ପସ ଉଠାଇବା ପାଇଁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ଯୁବ ବିଜେଡି ସଭାପତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି




ଆଠଗଡ଼, ୨୦।୩(ସମିସ)

ଆଠଗଡ଼ ଏନ୍ଏସିର ପୂର୍ବତନ କାଉନସିଲର ତଥା ଯୁବ ବିଜେଡି ସଭାପତି ଶିବଶଙ୍କର ଜେନାଙ୍କର ସୋମବାର ଏକାଦଶାହ ଅନୁଷ୍ଠିତ ହୋଇଯାଇଥିଲା । ଏହି ଉପଲକ୍ଷେ ଆଠଗଡ଼ ମହିଳା ମହାବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ଆଠଗଡ଼ ବିଜୁ ଜନତା ଦଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏନଏସି ନଗରପାଳ ସସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାସରସିକପୁର ଗ୍ରାମର ସଭାପତି ମିହିର କୁମାର ତ୍ରିପାଠୀ, ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, ସାମ୍ବାଦିକ ସନାତନ ରାୟ, ଓକିଲ ସଂଘର ସଭାପତି ଜଗଦାନନ୍ଦ ତ୍ରିପାଠୀ, ପୂର୍ବତନ ସଭାପତି ବିନୟ ଶୁକ୍ଳା, ପୂର୍ବତନ ଏନ୍ଏସି ନଗରପାଳ ସୁଚିତ୍ରା ସାହୁ, ସୁବର୍ଣ୍ଣ ମଞ୍ଜରୀ ଭଞ୍ଜ, ନାରୀନେତ୍ରୀ ନିରୂପମା ଭଞ୍ଜ, ପୂର୍ବତନ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୁନୀଲ ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଜିଲ୍ଲା ପରିଷଦ ସଭ୍ୟା ଶାନ୍ତିଲତା ବେହେରା, ମିନତୀ ଗାଗରାଇ, ନୃସିଂହ ଚରଣ ମହାପାତ୍ର, ଲକ୍ଷ୍ମୀ ନାରାୟଣ ଭଞ୍ଜ, ଲଳିତେନ୍ଦୁ ସେନାପତି ପ୍ରଦୀପ୍ତ ଦାସ ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ୱର୍ଗତ ଜେନା ରାସରସିକପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଥିବା ସହ ଆଠଗଡ଼ର ଅଗ୍ରଣୀ ରାମଲୀଳା ଅନୁଷ୍ଠାନ ଶ୍ରୀ ରଘୁନାଥଜୀୟୁ ରାମଲୀଳା ନାଟ୍ୟ ସଂଘର ସମ୍ପାଦକ ମଧ୍ୟ ଥିଲେ । ଶ୍ରଦ୍ଧାଞ୍ଜଳି ସଭାରେ ଆଠଗଡ଼ ରାସରସିକପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଶ୍ରୀ ରଘୁନାଥଜୀୟୁ ରାମଲୀଳା ନାଟ୍ୟ ସଂଘ ଗଣମାଧ୍ୟମର ପ୍ରତିନିଧି ଓ ଆଠଗଡ଼ର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ । ସଭା ପୂର୍ବରୁ ଜଗନ୍ନାଥ ମନ୍ଦିର ଠାରୁ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଏକ ମହମବତୀ ଶୋଭାଯାତ୍ରା ନଗର ପରିକ୍ରମା କରି ସଭାସ୍ଥଳକୁ ଆସିଥିଲା ।

